visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.26 . No.315 Bhubaneswar Thursday February 01 2024 | ୨୬ତମ ବର୍ଷ ସଂଖ୍ୟା–୩୧୫ ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୦୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ଦୈନିକ 'ପର୍ଯ୍ୟବେକ୍ଷକ'ର ରୌପ୍ୟ ଜୟନ୍ତୀ ପାଳିତ







ଭୁବନେଶ୍ୱର,୩୧ ।୧(ପି.ଏନ): ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଦୈନିକ 'ପର୍ଯ୍ୟବେକ୍ଷକ'ର ରୌପ୍ୟ ଜୟନ୍ତୀ ସମାରୋହ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଡକ୍ଟର ଗିରିଧାରି ଗମାଙ୍ଗୋଙ୍କ ଦ୍ୱାରା ଉଦଘାଟିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ନିର୍ଦ୍ଦେଶକ ଏମଏସ ଡକ୍ଟର ଅଶୋକ ମହାପାତ୍ର, ପ୍ରଖ୍ୟାତ ସ୍ଥପତି ପଦ୍ମଭୂଷଣ ସୁଦର୍ଶନ ସାହୁ , ପୂର୍ବତନ ବିଧାୟକ, ଭୁବନେଶ୍ୱର ଉ□ର ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ଲେଖିକା ଓ ଚିକିତ୍ସିକା ଡକ୍ଟର ସିନ୍ଧୁ ନନ୍ଦିନୀ ତ୍ରିପାଠୀ, ଖ୍ୟାତନାମା ସିନେମା ନିର୍ଦ୍ଦେଶକ ଓ ପ୍ରଯୋଜକ ଶ୍ରୀ ସବ୍ୟସାଚି ମହାପାତ୍ର, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇ 'ପର୍ଯ୍ୟବେକ୍ଷକ'ର ଉ□ୋରତର କାମନା କରିବା ସହ ଓଡ଼ିଶାର ସାଧାରଣ ଜନତାଙ୍କ ସମସ୍ୟା ସମାଧାନ ଦିଗରେ ପ୍ରୟାସ ଜାରି ରଖିବା ପାଇଁ ଆଶା ବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ପଣ୍ଡିତ ଇତିକାନ୍ତ ଓ ପଣ୍ଡିତ ଦିବାକରଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିବା ସହ ଅତିଥିମାନଙ୍କୁ ସ୍ମାରକ ଓ ଉପଢ଼ୌକନରେ ସମ୍ମାନିତ କରିଥିଲେ । ରାଜ କିଶୋର ଦାସ, ଲେଆଉଟ ଡିଜାଇନର ,ନୀଳକଣ୍ଠ ଜେନା, ୱେବ ଡିଜାଇନର , ଗୋପୀନାଥ ମହାନ୍ତି,ସଂଯୋଜକ , ସୁବ୍ରତ ସାହୁ, ସଂଯୋଜକ , ସତ୍ୟବ୍ରତ ନାୟକ, ଯୁବ ଓ ଛାତ୍ର ସଙ୍ଗଠକ , ଲୋକନାଥ ଦାସ, ସମାଜସେବୀ , ଭାସ୍କର ଚନ୍ଦ୍ର ନାୟକ, ସମାଜସେବୀ, ଡି. ଶୁଭମ୍, ସାମ୍ବାଦିକ (କୃଷି ସ୍ତମ୍ଭକାର), ବିଜୟ କୁମାର ଦାସ, ସାମ୍ବାଦିକ, ଦିବାକର ପଣ୍ଡା, ବୈଦିକ ଆଚାର୍ଯ୍ୟ, ଇତିକାନ୍ତ ଦାଶ, ବୈଦିକ ଆଚାର୍ଯ୍ୟ , ପ୍ରସେସ୍ ଦାଶ, ସଙ୍ଗଠକ, ରତିକାନ୍ତ ମହାନ୍ତି, ରାଜ୍ୟ ସାମ୍ବାଦିକ, ଭୁବନେଶ୍ୱର , ରାମଚନ୍ଦ୍ର ସ୍ୱାଇଁ, ସାମ୍ବାଦିକ, ପାରଦ୍ୱୀପ, ଶୁଧାଂଶୁ ଶେଖର ମହାରଣା, ଜିଲ୍ଲା ସାମ୍ବାଦିକ, ସମ୍ବଲପୁର, ଦିଲ୍ଲୀପ ମିଶ୍ର, ଜିଲ୍ଲା ସାମ୍ବାଦିକ, ଢେଙ୍କାନାଳ, ଅନନ୍ତରାମ ପ୍ରଧାନ, ସାମ୍ବାଦିକ, ବ୍ରହ୍ମପୁର, ତାପସ କୁମାର ସାହୁ, ସାମ୍ବାଦିକ, ବାଲେଶ୍ୱର, ଲଳିତ ବଲ୍ଲଭ ରାଉତ, ସାମ୍ବାଦିକ, ତାଳଚେର, ଆଦିତ୍ୟ ଚନ୍ଦ୍ର ଦାସ, ସମ୍ଭକାର, ରଜନୀକାନ୍ତ ସାମନ୍ତରାୟ, ସଙ୍ଗଠକ , ପ୍ରଭାତ ପୃଷ୍ଟି, ସାମ୍ବାଦିକ, ପ୍ରଶାନ୍ତ ପାଢ଼ି, ଶ୍ରମିକ ସଙ୍ଗଠନ , ସୁନୀଲ ମିଶ୍ର, ବିରିଷ୍ଟ ସାମ୍ବାଦିକ, ଙ୍କୁ ଉପଢ଼ୌକନ, ସ୍ମାରକୀ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ । ସାମ୍ବାଦିକ ପ୍ରିୟବ୍ରତ ନାୟକ ଓ ସ୍ୱର୍ଣ୍ଣଲତା ନାୟକ କାର୍ଯ୍ୟକ୍ରମକୁ ସହଯୋଗ ସୋନାଲି ଓ ଆଦିଶ୍ରୀ ସଂଯୋଜନା କରିଥିବା ବେଳେ ଭୁବନେଶ୍ୱର ପ୍ରତିନିଧି ସଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇସ୍ତଫା ଦେଲେ ହେମନ୍ତ, ଚମ୍ପାଇ ସୋରେନ ଝାରଖଣ୍ଡ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୧ ।୧(ପି.ଏନ):ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ)ର ବରିଷ୍ଠ ନେତା ତଥା ଦଳର ପ୍ରତିଷ୍ଠାତା ଶିବୁ ସୋରେନଙ୍କ ଅତ୍ୟନ୍ତ ଖାସ ଚମ୍ପାଇ ସୋରେନ ହେବେ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଇଡି ମାରଥାନ ଜେରା କରିବା ସହ ତାଙ୍କୁ ଗିରଫ ମଧ୍ୟ କରିବାର ଆଶଙ୍କା ପାଇଛି । ଏହି କାରଣରୁ ଚମ୍ପାଇ ସୋରେନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଚମ୍ପାଇ ସୋରେନ ଝାରଖଣ୍ଡ ଟାଇଗର ଭାବେ ମଧ୍ୟ ପରିଚିତ । ଇଡି ଆଜି ଅପରାହ୍ନ ୩ଟାରୁ ହେମନ୍ତଙ୍କୁ ଜେରା ଆରମ୍ଭ କରିଥିଲା । ୫ ଘଣ୍ଟାରୁ ଅଧିକ ସମୟ ଜେରା କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରୁ ଇଡିର ଅଧିକାରୀମାନେ ବାହାରି ଯାଇଛନ୍ତି । ଜେରା ଶେଷ ହେବା କ୍ଷଣି ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ଇଡିର ଅଧିକାରୀମାନଙ୍କ ସହ ହେମନ୍ତ ରାଜଭବନ ଯାଇ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନନଙ୍କୁ ନିଜର ଇସ୍ତଫାପତ୍ର ହସ୍ତାନ୍ତର କରିଛନ୍ତି ।

## ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ



ଭୁବନେଶ୍ୱର,୩୧ ।୧(ପି.ଏନ): ଆସନ୍ତା ୬ ତାରିଖରେ ଓଡ଼ିଶା ଆସିବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଏନେଇ ସୂଚନା ଦେଇଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ । ତେବେ ଆସନ୍ତା ୬ ତାରିଖ ସନ୍ଧ୍ୟାରେ ବୀରମିତ୍ରପୁରରେ ରାହୁଲଙ୍କୁ ସ୍ୱାଗତ କରାଯିବ । ଏହି ଗସ୍ତ ଅବସରରେ ରାଜ୍ୟର ୩ଟି ସାଙ୍ଗଠନିକ ଜିଲ୍ଲା ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ାରେ ଫେବୃଆରୀ ୭ ଓ ୮ରେ କାର୍ଯ୍ୟକ୍ରମ ହେବ ବୋଲି କହିଛନ୍ତି ଶରତ ପଟ୍ଟନାୟକ ।ଦେଶବ୍ୟାପି ରାହୁଲ ଗାନ୍ଧୀଙ୍କ ନ୍ୟାୟ ଯାତ୍ରା ଚାଲିଛି । ଏହି କ୍ରମରେ ଆସନ୍ତା ଫେବୃଆରୀ ୬ ତାରିଖରେ ଓଡିଶା ଆସିବେ ରାହୁଲ । ସୂଚନାଯୋଗ୍ୟ ଗତ ୨୯ ତାରିଖରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଓଡିଶା ଗସ୍ତରେ ଆସିଥିଲେ । ସେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ । ତେବେ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ନେତାଙ୍କ ଓଡିଶା ଗସ୍ତ ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ଜ୍ଞାନବ୍ୟାପୀ କେସ: ମସଜିଦର ବେସ୍ ମେଣ୍ଟରେ ପୂଜା କରିପାରିବେ ହିନ୍ଦୁ ପକ୍ଷ



ଭୁବନେଶ୍ୱର,୩୧ ।୧(ପି.ଏନ): ଉତ୍ତର ପ୍ରଦେଶର ବାରାଣସୀରେ ଥିବା ଜ୍ଞାନବ୍ୟାପୀ ମସଜିଦ ମାମଲାରେ ବଡ ରାୟ ଦେଇଛନ୍ତି କୋର୍ଟ । ଜ୍ଞାନବ୍ୟାପି ମସଜିଦର ବେସ୍‌ମେଣ୍ଟରେ ପୂଜାର୍ଚ୍ଚନା କରିବାକୁ ବାରାଣସୀର ଗୋଟିଏ କୋର୍ଟ ହିନ୍ଦୁ ପକ୍ଷଙ୍କୁ ଅନୁମତି ଦେଇଛନ୍ତି । ପୂର୍ବରୁ ଏଏସ୍‌ଆଇ ସର୍ଭେ ବେଳେ ଉକ୍ତ ବେସମେଣ୍ଟଟି ସିଲ୍ ହୋଇ ରହିଥିଲା । ଏବେ ହିନ୍ଦୁ ଗୋଷ୍ଠୀ ସିଲ୍ ହୋଇଥିବା ବ୍ୟାସ କା ତେହଖାନାରେ ପୂଜା କରିପାରିବେ । ଆଜି ଶୁଣାଣି ବେଳେ କୋର୍ଟ କହିଛନ୍ତି ଯେ ଜିଲ୍ଲା ପ୍ରଶାସନ ଶ୍ରଦ୍ଧାଳୁଙ୍କ ପୂଜା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବେ । ୭ ଦିନ ମଧ୍ୟରେ ବ୍ୟାରିକେଡ ହଟାଇ ପୂଜା ପାଇଁ ବ୍ୟବସ୍ଥା ହେବ । ଏଥିସହ କୋର୍ଟ ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିର ଟ୍ରଷ୍ଟକୁ ବେସମେଣ୍ଟରେ ପୂଜାର୍ଚ୍ଚନା କରିବା ପାଇଁ ଜଣେ ପୂଜାରୀଙ୍କୁ ମନୋନୀତ କରିବାକୁ ମଧ୍ୟ କହିଛନ୍ତି ।

### ପହରିଆପଡ଼ା ପାଇଁ ସାତ ସପନ ପାଲଟିଛି ବିକାଶ, ଯୋଜନ ଦୂରରେ ସରକାରୀ ଯୋଜନା

ଭୁବନେଶ୍ୱର,୩୧ ।୧(ପି.ଏନ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ରୁ ମାତ୍ର କିଛି ଦୂର ରେ ଅବସ୍ଥିତ ବୋଇରଗାଁ ଗ୍ରାମପଞ୍ଚାୟତର ପହରିଆପଡ଼ା ଗାଁ । ପଞ୍ଚାୟତ ମୁଖ୍ୟାଳୟ ଠାରୁ ମାତ୍ର କିଛି ଦୂର ରେ ରହିଥିବା ଏହି ପଡ଼ା ରେ କାହିଁ କେଉଁ ଅମଳରୁ ବସବାସ କରି ଆସୁଛନ୍ତି ଆଦିମ ଜନଜାତି ପହରିଆ ସମ୍ପ୍ରଦାୟର ୧୦ ରୁ ୧୫ ପରିବାର । ହେଲେ ବିକାଶ ଏଠି ସାତ ସ୍ୱପ୍ନ ଭଳି ମନେ ହେଉଛି ।ଦଶନ୍ଧି ଦଶନ୍ଧି ଧରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସବାସ କରୁଥିଲେ ହେଁ ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତାଙ୍କ ନଜରରୁ କୋଶେ ଦୂରରେ ଏହି ଅଞ୍ଚଳ । କେବଳ ନିର୍ବାଚନ ସମୟରେ ନେତା କର୍ମୀଙ୍କ ଦେଖା ମିଳୁଥିବା ବେଳେ ଅନ୍ୟ ଦିନ ସେମାନଙ୍କ ଦର୍ଶନ ପାଇବା କଷ୍ଟ । ଏଠି ମୁଖ୍ୟ ରାସ୍ତାରୁ ଗାଁକୁ ଯିବା ପାଇଁ ଏକମାତ୍ର ପାଦ ଚଲା ରାସ୍ତା ହିଁ ରହିଛି ।

## ସ୍ୱେଚ୍ଛାକୃତ ଅବସର ନେଲେ ରାଧିକା, ନଭେମ୍ବରରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିଲେ



ଭୁବନେଶ୍ୱର,୩୧ ।୧(ପି.ଏନ): ୧୯୮୯ ବ୍ୟାଚ୍ ଆଇପିଏସ୍ ବି.ରାଧିକା ନିଜ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି । ରାଜ୍ୟ ସରକାର ତାଙ୍କର ଆବେଦନକୁ ଗ୍ରହଣ କରି ଫେବୃୟାରୀ ୧ ଅପରାହ୍ନରୁ ତାଙ୍କୁ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଅନୁମତି ଦେଇଛନ୍ତି । ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଧିକା କେନ୍ଦ୍ରୀୟ ଡେପୁଟେସନରୁ ଫେରି ଗତ ନଭେମ୍ବର ୨୮ତାରିଖରେ ଓଡିଶା କ୍ୟାଡରରେ ଯୋଗ ଦେଇଥିଲେ । ରାଧିକା ଚଳିତବର୍ଷ ଜୁଲାଇ ମାସରେ ୬୦ବର୍ଷ ବୟସ ପୂରଣ କରୁଥିବାରୁ ଉକ୍ତ ମାସରେ ସରକାରୀ ଚାକିରିରୁ ଅବସର ନେଇଥାନ୍ତେ । ବିଜ୍ଞପ୍ତି ଅନୁସାରେ, ୧୯୮୯ ବ୍ୟାଚ୍ ଓଡିଶା କ୍ୟାଡରର ଆଇପିଏସ୍ ବି.ରାଧିକା ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ୨୦୨୩ ଡିସେମ୍ବର ୩୧ ଓ ଚଳିତବର୍ଷ ଜାନୁୟାରୀ ୧୧ ତାରିଖରେ ଦୁଇଥର ଆବେଦନ କରିଛନ୍ତି । ସର୍ବଭାରତୀୟ ସେବା ରୁଲସ-୧୯୫୮ର ରୁଲ-୧୬(୨)ର ପ୍ରାବଧାନ ଆଧାରରେ ସେ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ । ତେବେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଜଣେ ସର୍ବଭାରତୀୟ ଅଫିସରଙ୍କୁ ନିଜ ଚାକିରି କାଳର ୩୦ବର୍ଷ ପୂରଣ ଅବା ସେ ୫୦ବର୍ଷ ବୟସରେ ଉପନୀତ ହେବାର ଆବଶ୍ୟକତା ରହିଛି ଓ ରାଜ୍ୟ ସରକାରଙ୍କୁ ଅତିକମରେ ୩ମାସ ପୂର୍ବରୁ ଲିଖିତ ଭାବେ ଆବେଦନ ଦେବାର ଆବଶ୍ୟକତା ରହିଛି । ତେବେ ରାଜ୍ୟ ସରକାରଙ୍କ ପାଖରେ ଏହି ୩ମାସ ଅବଧିକୁ କୋହଳ କରିବାର କ୍ଷମତା ଥିବାରୁ ସରକାର ରାଧିକାଙ୍କ କ୍ଷେତ୍ରରେ ଏହି ଆବେଦନ ନିମନ୍ତେ 'ସର୍ବନିମ୍ନ ୩ମାସ ପୂର୍ବରୁ' ପ୍ରାବଧାନକୁ କୋହଳ କରିଛନ୍ତି । ଆଉ ତାଙ୍କୁ ଆସନ୍ତାକାଲି ଅର୍ଥାତ ଫେବୃୟାରୀ ୧ ଅପରାହ୍ନରୁ ସରକାରୀ ଚାକିରିରୁ ଅବସର ନେବା ପାଇଁ ଅନୁମତି ଦେଇଛନ୍ତି ।

## କନିଷ୍ଠ ଶିକ୍ଷକ ନିଯୁକ୍ତି: ଆସିଲା ହାଇକୋର୍ଟଙ୍କ ରାୟ




ଭୁବନେଶ୍ୱର,୩୧ ।୧(ପି.ଏନ): କନିଷ୍ଠ ଶିକ୍ଷକ ନିଯୁକ୍ତି ମାମଲାରେ ଆଜି ହାଇକୋର୍ଟ ଶୁଣାଣି କରିଛନ୍ତି । ରାଜ୍ୟରେ କନିଷ୍ଠ ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ହୋଇଥିବା ନେଇ ପୂର୍ବରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ଏହାପରେ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲାରେ ହାଇକୋର୍ଟ ରୋକ୍ ଲଗାଇଥିଲେ । ଏଥିସହିତ ଉକ୍ତ ନିଯୁକ୍ତି ଉପରେ ରହିତାଦେଶ ଜାରି କରାଯାଇଥିଲା । ଏଥିସହିତ ଧାର୍ଯ୍ୟ ତାରିଖରେ ଡକ୍ୟୁମେଣ୍ଟ ଭେରିଫିକେସନ୍ କରାଯାଇପାରିବ ବୋଲି ହାଇକୋର୍ଟ କହିଥିଲେ ।ତେବେ ଆଜି ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି । ଏଥିସହିତ ଅନ୍ତରୀଣ ଆଦେଶକୁ ବଳବତ୍ତର ରଖିଛନ୍ତି । ରାଜ୍ୟରେ କନିଷ୍ଠ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟରେ ଏକ ପିଟିସନ ଦାୟର ହୋଇଥିଲା । ଏହି ମାମଲାର ଶୁଣାଣି କରି ନିଯୁକ୍ତି ଉପରେ ରୋକ୍ ଲଗାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଗତ ୧୫ ତାରିଖରେ କନିଷ୍ଠ ଶିକ୍ଷକ ପରୀକ୍ଷାର ରେଜଲ୍ଟ ଘୋଷଣା କରାଯାଇଥିଲା । ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ୱେବସାଇଟରେ ଉକ୍ତ ରେଜଲ୍ଟ ଜାରି କରାଯାଇଥିଲା । ତେବେ ଫଳାଫଳ ପ୍ରକାଶକୁ ନେଇ ବହୁ ଆଶାୟୀ ଅସନ୍ତୋଷ ବ୍ୟକ୍ତ କରିବା ସହିତ ମେରିଟ୍ ଲିଷ୍ଟରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ଆଣିଥିଲେ । ଏନେଇ ଛାତ୍ରଛାତ୍ରୀମାନେ ଓସେପା ଅଫିସ ଓ ଲୋୟର ପିଏମଜିରେ ଧାରଣା ଦେଇଥିଲେ । ମେରିଟ୍ ଲିଷ୍ଟ ଜାରି କରିବା ପୂର୍ବରୁ କଟ୍ ଅଫ୍ ତାଲିକା ପ୍ରକାଶ କରାଯାଇ ନଥିଲା । ତେଣୁ କେଉଁ ପ୍ରାର୍ଥୀ କେତେ ମାର୍କ ରଖିଛନ୍ତି ତାହା ସ୍ପଷ୍ଟ କରିବାକୁ ଆଶାୟୀମାନେ ଦାବି କରିଥିଲେ । ପରବର୍ତ୍ତୀ ସମୟରେ ଏନେଇ ଓସେପା ସ୍ପଷ୍ଟିକରଣ ରଖିଥିଲା ।

## ହେମନ୍ତ ସୋରେନଙ୍କୁ ବାନ୍ଧିଲା ଇଡି




ନୂଆଦିଲ୍ଲୀ,୩୧ ।୧(ପି.ଏନ): ଜମି ଦୁର୍ନୀତୀ ମାମଲାରେ ଶେଷରେ ଝାରଖଣ୍ଡର ବିଦାୟୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଗିରଫ କରିଛି ଇଡି । ଜମି ଦୁର୍ନୀତି ମାମଲାରେ ଆଜି ଇଡି ତାଙ୍କୁ ଦୀର୍ଘ ୫ ଘଣ୍ଟାରୁ ଅଧିକ ସମୟ ଜେରା କରିବା ପରେ ଗିରଫ କରିଛି । ବିଧିବଦ୍ଧ ଭାବେ ଗିରଫ ହେବା ପୂର୍ବରୁ ହେମନ୍ତ ସୋରେନ ରାଜଭବନରେ ପହଞ୍ଚିଥିଲେ । ଇଡି ଅଧିକାରୀଙ୍କ ଉପସ୍ଥିତିରେ ସେ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନନଙ୍କୁ ନିଜର ଇସ୍ତଫାପତ୍ର ଦେଇଥିଲେ । ଏହାପରେ ଇଡି ତାଙ୍କୁ ବିଧିବଦ୍ଧ ଭାବେ ଗିରଫ କରିଥିବା ଘୋଷଣା କରିଛି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ


© Reuters

ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାର ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡ଼ିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# ଆନ୍ତର୍ଜାତିକ ଦୃଶ୍ୟପଟ୍ଟରେ ଭାରତୀୟ ନାରୀ



ଯେଉଁ କଥାଟି ସମୟକ୍ରମେ ଅବହେଳିତ ହୋଇଯାଏ, ଯେଉଁ ବ୍ୟକ୍ତିବିଶେଷଙ୍କ ପ୍ରତି ଯଦି ଯଥୋଚିତ ସମ୍ମାନ ପ୍ରଦର୍ଶନ କରା ନ ଯାଏ, ସେ କ୍ଷେତ୍ରରେ ଉକ୍ତ ପରିବେଶ ବା ସାମାଜିକ ଶୃଙ୍ଖଳା ମଧ୍ୟରେ ନାନା ବିଭ୍ରାଟ ଘଟି ସନ୍ତୁଳନରେ ବ୍ୟାଘାତ ଆସେ। ପରବର୍ତ୍ତୀ ସମୟରେ ଏହାର ପୂର୍ବବସ୍ଥାକୁ ଫେରାଇ ଆଣିବାକୁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ନାନା ପ୍ରଚେଷ୍ଟା କରାଯାଏ ଏବଂ ଏଥିପାଇଁ ନିର୍ଦ୍ଦିଷ୍ଟ ଦିବସ ବା ସମୟକୁ ସମ୍ମାନ ଦେଇ ପାଳନ କରାଯାଏ ଓ ସେହି ଉଦ୍ଦେଶ୍ୟକୁ ନେଇ ଦିବସ ବା ସମୟକୁ ନାମିତ କରାଯାଏ। ଏହିପରି ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ଯେତେ ଦିବସ ପାଳନ କରାଯାଏ, ସେମାନଙ୍କ ମଧ୍ୟରେ ମହିଳା ଦିବସ ଅନ୍ୟତମ। ଏହି ଦିବସଟି ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତିକ ସ୍ତରରେ ପାଳିତ ହୁଏ।

ନାରୀହିଁ ଆଦ୍ୟାଶକ୍ତି, ଈଶ୍ୱରୀ। ସେ ଆମ ପାଖରେ ଦେବୀ, ଜନ୍ମଦାତ୍ରୀ, ଭଗିନୀ, ଜାୟା ଏବଂ ଧାତ୍ରୀ ରୂପେ ସଦ୍ୟ ବିଦ୍ୟମାନ। ସେ କେବେ ସେବିକା ତ କେବେ ପୁଣି ପ୍ରେମିକା ରୂପେ ପ୍ରେମ ଆହ୍ଲାଦିନୀ। କେବେ ସୃଜନର କର୍ତ୍ତୀ ତ କେବେ ଅନ୍ୟାୟ ଏବଂ ଅତ୍ୟାଚାର ବିରୁଦ୍ଧରେ ଦୁର୍ଗା, ସଂହାରକାରିଣୀ; ଆଉ କେତେବେଳେ ସେ ବିପଦନାଶିନୀ, ମା' ତାରିଣୀ ଓ ଅଭୟଦାୟିନୀ।




ବୈଦିକ ଯୁଗରୁ ନାରୀର ସ୍ଥାନ ସମାଜରେ ପୁରୁଷ ସହିତ ସମାନ ଥିଲା। ସେ ପୁରୁଷର ଦୁଃଖ-ସୁଖରେ ସହଭାଗିନୀ ଥିଲା। ଦାମ୍ପତ୍ୟ ଜୀବନରେ ସହଧର୍ମୀ ହେତୁ ସେ ସହଧର୍ମଣୀ ଥିଲା । ପୁରୁଷପରି ନାରୀମାନଙ୍କର ସମାଜରେ ମଧ୍ୟ କିଛି ନାମକରା ଆସନ ଥିଲା। ଅନେକ ନାରୀ ନିଜସ୍ୱ କୃତିତ୍ୱ ବଳରେ ଏଯାବତ୍ ତାଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ଇତିହାସରେ ଲେଖିଯାଇଛନ୍ତି। ଏହିପରି ପ୍ରାଚୀନ ଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବରା, ଲୋପାମୁଦ୍ରା, ମୈତ୍ରେୟୀ, ଗାର୍ଗୀ, ଲୀଳାବତୀ, ସୀତା ଏବଂ ସାବିତ୍ରୀ; ମଧ୍ୟଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ଅହଲ୍ୟାବାଈ, ମୀରାବାଈ, ଦୁର୍ଗାବତୀ, ପଦ୍ମିନୀ, ଝାନସୀ ରାଣୀ ଲକ୍ଷ୍ମୀବାଈ ଇତ୍ୟାଦି।

ମା' ହିସାବରେ ନାରୀଟିଏ କେତେ ଗୁଣୀ, ଜ୍ଞାନୀ ଓ ମହାପୁରୁଷଙ୍କର ସେ ଜନନୀ; ରାମ, ରହିମ, କୃଷ୍ଣ, ଯୀଶୁ, ବୁଦ୍ଧ, ମହାବୀର, ଚୈତନ୍ୟ, ବିବେକାନନ୍ଦ, ମଦର ଟେରେସା ଏବଂ ଗାନ୍ଧି ଇତ୍ୟାଦି ଯୁଗ ଏବଂ ଯୋଗଜନ୍ମାଙ୍କର, ସେ ଦେବୀ, ଶ୍ରୀଦେବୀ। ଏହି କାରଣରୁ ମା'ର ବନ୍ଦନାହିଁ ପ୍ରଥମ। ତା' ବିନା ସୃଷ୍ଟି ହିଁ ସ୍ୱପ୍ନ ନାହିଁ। ତାହାର କରୁଣାରୁ ବହୁଛି ମଣିଷ ଜାତିର ଜୀବନ ଗଙ୍ଗା। ସେ ହିଁ ପତିତପାବନୀ ମା' ଗଙ୍ଗା। ଏଥିପାଇଁ ଯୁଗଯୁଗ ଧରି ନାରୀ ଜାତିର ସମ୍ମାନ ସର୍ବଦା ଊର୍ଦ୍ଧ୍ୱରେ ରହିଅଛି।

ଦ୍ୱାଦଶ ଶତାବ୍ଦୀ ବେଳକୁ ନାରୀ ହେଲା ପୁରୁଷର କ୍ରୀଡ଼ନକ; ପୁରୁଷର ଭୋଗ ସାମଗ୍ରୀ। ସମାଜରେ ବାଲ୍ୟ ବିବାହ, ପରଦାପ୍ରଥା, ସତୀଦାହ ପ୍ରଥା, ଯୌତୁକ ପ୍ରଥା, ବହୁନାରୀ ବିବାହ ପ୍ରଥା ଇତ୍ୟାଦି କୁସଂସ୍କାର ପ୍ରବେଶ କଲା। ସେ ହେଲା ନିର୍ଯାତିତା, ପୁଣି



ପଣ୍ୟଦ୍ରବ୍ୟ। କୋଉଠି ହେଲା ପୋଇଲି, ଦାସୀ ତ' କୋଉଠି ଖଟିଲା ଗୋଟି। ସବଳା ନାରୀ ପାଲଟିଗଲା ଦୁର୍ବଳା।

ପୁଣି ସମୟର ଚକ ଘୂରିଲା। ଅନେକ ସଂସ୍କାରବାଦୀ ନାରୀମାନଙ୍କର ସ୍ଥିତିର ପରିବର୍ତ୍ତନ ତଥା ସମାଜରେ ତାଙ୍କୁ ନ୍ୟାର୍ଯ୍ୟଦାବୀ ପୂରଣରେ ଅଣ୍ଟା ଭିଡ଼ିଲା। ଏହିପରି ମର୍ଯ୍ୟାଦାବନ୍ତ ବ୍ୟକ୍ତିମାନେ ହେଲେ ରାଜା ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟା ସାଗର ଏବଂ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପ୍ରମୁଖ। ଭାରତର ସ୍ୱାଧୀନତା ସଂଗ୍ରାମ ଅର୍ଥାତ୍ ୧୮୫୭ ମସିହାଠାରୁ ଭାରତୀୟ ନାରୀମାନଙ୍କ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଜାଗରଣ ଘଟିଛି। ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିବାକୁ ଓହ୍ଲାଇ ଆସିଛନ୍ତି ଘରକୋଣରୁ। ୧୮୫୭ ପୂର୍ବରୁ ୧୮୨୪ ଜାନୁୟାରୀ ୩୦ରେ ଇଂରେଜ ବିରୁଦ୍ଧରେ ଲଢ଼ି ପ୍ରାଣବଳି ଦେଇଥିଲେ କିତ୍ତୁର (କର୍ଣ୍ଣାଟକ)ର ରାଣୀ ଚିନ୍ନାମା। ସେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସହିଦ୍। ୧୮୫୭ ଏବଂ ଏହାର ପରବର୍ତ୍ତୀ ସମୟରେ ଯେଉଁମାନେ ଏଥିରେ ଅଂଶଗ୍ରହଣ କରିଥିଲେ ତାଙ୍କ ଭିତରେ ଅଛନ୍ତି ରାଣୀ ଲକ୍ଷ୍ମୀବାଈ, କସ୍ତୁରବା ଗାନ୍ଧି, ସରୋଜିନୀ ନାଇଡୁ, ମହାଦେବୀ ବର୍ମା, ସୁଭଦ୍ରା କୁମାରୀ ଚୌହାନ, ଅରୁଣା ଅସାଫଅଲ୍ଲୀ, ଲକ୍ଷ୍ମୀ ସେହେଗାଲ୍ ଯେକି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ମହିଳା କମାଣ୍ଡିଙ୍ଗ ମହିଳା ଅଫିସର ଏବଂ ଓଡ଼ିଶାରୁ ଏମାନଙ୍କ ମଧ୍ୟରେ ଅଛନ୍ତି ମା' ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ବସନ୍ତ ମଞ୍ଜରୀ ଦେବୀ, ନନ୍ଦିନୀ ଶତପଥୀ, ପାର୍ବତୀ ଗିରି, ପ୍ରଭାବତୀ ଦେବୀ, ଜମ୍ବବତୀ ଦେବୀ, ଗୋଦାବରୀ ଦେବୀ, କୋକିଳା ଦେବୀ, ହାରାମଣି କାନୁନ୍‌ଗୋ ଏବଂ ଅନ୍ୟମାନେ।

ଭାରତୀୟ ନାରୀମାନେ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ପରାକାଷ୍ଠା ଦେଖାଇ ସାରିଲେଣି। ଏମିତିରେ ଆମର ପ୍ରଥମ ରାଷ୍ଟ୍ରପତି (ମହିଳା) ଶ୍ରୀମତୀ ପ୍ରତିଭା ସିଂହ ପାଟିଲ, ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ: ଇନ୍ଦିରା ଗାନ୍ଧି, ପ୍ରଥମ ମହିଳା ରାଜ୍ୟପାଳ ସରୋଜିନୀ ନାଇଡୁ, ପ୍ରଥମ ମହିଳା



ମୁଖ୍ୟମନ୍ତ୍ରୀ : ସୁଚେତା କୃପାଳିନୀ, ପ୍ରଥମ ମହିଳା କେନ୍ଦ୍ରମନ୍ତ୍ରୀ : ରାଜକୁମାରୀ ଅମୃତ କାଉଲ, ସେବାପାଇଁ ପ୍ରଥମ ନୋବେଲ ପୁରସ୍କାର ବିଜେତା: ମଦର ଟେରେସା, ପ୍ରଥମ ମହିଳା ବିଚାରପତି ଲୀଳା ସେଠ୍, ବିଶ୍ୱବିଖ୍ୟାତ ଚିତ୍ରକର ଅମୃତା ସେରଗିଲ୍, ଭାରତର ପ୍ରଥମ ମହିଳା ଯେକି ମସ୍କୋ, ୱାସିଂଟନ ଓ ଲଣ୍ଡନରେ ରାଷ୍ଟ୍ରଦୂତ ଥିଲେ ଏବଂ ୧୯୫୩ରେ ଜାତିସଂଘର ପ୍ରଥମ ମହିଳା ଅଧ୍ୟକ୍ଷା ହୋଇଥିଲେ ସେ ହେଉଛନ୍ତି ବିଜୟଲକ୍ଷ୍ମୀ ପଣ୍ଡିତ୍, ହୋମଲ ଭୈରୱାଲା ହେଉଛନ୍ତି ଦେଶର ପ୍ରଥମ ଫଟୋ ଜର୍ନାଲିଷ୍ଟ, ହରିତ୍ କୌର ଦେୱାଲ୍ ହେଉଛନ୍ତି ଭାରତର ପ୍ରଥମ ମହିଳା ଏୟାରଫୋର୍ସ ପାଇଲଟ୍, ଦେଶର ପ୍ରଥମ ଏବଂ ବିଶ୍ୱର ପଞ୍ଚମ ମହିଳା ପର୍ବାତାରୋହୀ ହେଉଛନ୍ତି ବଛେନ୍ଦ୍ରୀ ପାଲ, ଯିଏକି ମାଉଣ୍ଟ ଏଭେରେଷ୍ଟ ୧୯୮୪ ମସିହାରେ ଆରୋହଣ କରିଥିଲେ, ପ୍ରଥମ ମହିଳା ମହାକାଶଚାରୀ କଳ୍ପନା ଚାୱଲା, ପ୍ରଥମ ମହିଳା ଡାକ୍ତର: କାଦମ୍ବିନୀ ଗାଙ୍ଗୁଲି, ପ୍ରଥମ ମହିଳା ଆଇ.ପି.ଏସ୍. ଅଫିସର କିରଣ ବେଦୀ, ପ୍ରଥମ ବ୍ରହ୍ମାଣ୍ଡସୁନ୍ଦରୀ: ସୁସ୍ମିତା ସେନ୍, ପ୍ରଥମ ମହିଳା ଅଟୋ ଡ୍ରାଇଭର ସୁନିତା ଚୌଧୁରୀ, ଅଲିମ୍ପିକ କ୍ରୀଡାର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚି ପାରିଥିବା କ୍ରୀଡାବିତ୍ ପିଟି ଉଷା, ପ୍ରଥମ ମହିଳା ଗ୍ରାଣ୍ଡ ମାଷ୍ଟର : କୋନେରୁ ହମ୍ପି, ପ୍ରଥମ ମହିଳା ଇଂଲିଶ ଚାନେଲ୍ ସନ୍ତରଣକାରୀ : ଆରତି ସାହା, ପ୍ରଥମ ମହିଳା ମହିଳା ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ହାସଲକାରୀ: ସାନିଆ ମିର୍ଜା। ଆମେ ଏଠାରେ କେବଳ ପ୍ରଥମ କଥା କହୁଛୁ; ଆଉ ଅନ୍ୟମାନଙ୍କ କଥା ହିସାବକୁ ନେଇନାହୁଁ। ତେବେ ଏତିକି କହିଲେ ଯଥେଷ୍ଟ ହେବ ଯେ ଏବେ ଭାରତୀୟ ନାରୀମାନେ କେବଳ ପୁରୁଷଙ୍କ ସହ ସମକକ୍ଷ ନୁହଁନ୍ତି, ଅଧିକନ୍ତୁ ଅନେକ କ୍ଷେତ୍ରରେ ନାଁ, ସଂଖ୍ୟା, ଗୁଣରେ ମଧ୍ୟ ଅଧିକ ପ୍ରମୁଖ ଆସନ ମାଡ଼ିବସିଲେଣି। ସେହିପରି ନାରୀଶବ୍ଦକୁ ପରିଭାଷିତ କରିଥିବା ଓଡ଼ିଆମାନଙ୍କ ମଧ୍ୟରେ ଅଛନ୍ତି ସମାଜସେବୀରେ, ମା' ରମାଦେବୀ ଏବଂ ତୁଳସୀ ମୁଣ୍ଡା, ରାଜନୀତିରେ: ବସନ୍ତମଞ୍ଜରୀ ଦେବୀ ଓ ନନ୍ଦିନୀ ଶତପଥୀ; ସାହିତ୍ୟରେ: କୁନ୍ତଳାକୁମାରୀ ସାବତ ଏବଂ ରାଜଶ୍ରୀ ଦଳବେହେରା, ନୃତ୍ୟରେ: ସଂଯୁକ୍ତା ପାଣିଗ୍ରାହୀ ଓ ମିନତୀ ମିଶ୍ର, ଚଳଚ୍ଚିତ୍ରରେ ପାର୍ବତୀ ଘୋଷ, କ୍ରୀଡ଼ାରେ : ଜ୍ୟୋତି ସୁନିତା କୁଲୁ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସଙ୍ଗୀତରେ ସୁନନ୍ଦା ପଟ୍ଟନାୟକ ଓ ଶ୍ୟାମାମଣୀ ଦେବୀ, ବିଚାରପତିରେ : ନ୍ୟାୟମୂର୍ତ୍ତି ଅମୀୟ କୁମାରୀ ପାଢ଼ୀ, ନ୍ୟାୟମୂର୍ତ୍ତି ସଂଜୁ ପଣ୍ଡା, ମାଧୁରୀ ପଟ୍ଟନାୟକ ଓ ବାସନ୍ତୀ ଦେବୀ। ପ୍ରଶାସିକାରେ: ରୂପା ମିଶ୍ର, ଚିକିତ୍ସକ ହିସାବରେ: ବୀଣା ଦେଇ ଏବଂ ଜ୍ୟୋସ୍ନା ଦେଇ, ଶିକ୍ଷାବିତ୍ ଭାବେ ପ୍ରିୟମ୍ବଦା ମହାନ୍ତି (ହେଜମାଦି)। ଓଡ଼ିଶାରେ ନାରୀ ପ୍ରଗତିର ପଟାନ୍ତର ନାହିଁ।

ଏବେ ଭାରତରେ ନାରୀମାନଙ୍କୁ ଆଇନ ବଳରେ ପର୍ଯ୍ୟାପ୍ତ ସ୍ୱାଧୀନତା ଦିଆଯାଇଛି। ୧୯୯୨ର ୭୩ତମ ସଂଶୋଧନ ଅନୁଯାୟୀ ରାଜନୀତି କ୍ଷେତ୍ରରେ ତାଙ୍କ ପାଇଁ ସଂସଦ ଓ ବିଧାନସଭାରେ ୧/୩ ଅଂଶ ସ୍ଥାନ ସଂରକ୍ଷିତ ହୋଇଛି। ଭାରତରେ ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳାମାନଙ୍କ ସ୍ଥାନ ୫୦% ହେବାକୁ ଯାଉଛି। ଓଡ଼ିଶା ଏହି ୫୦% ମହିଳାମାନଙ୍କ ପାଇଁ ସଂରକ୍ଷଣ କରିବାରେ ଅଗ୍ରଣୀ ରାଜ୍ୟ। ସବୁ କ୍ଷେତ୍ରରେ ଏବେ ମହିଳାମାନଙ୍କ ପ୍ରବେଶ ଏବଂ ସେମାନେ ତାଙ୍କ ବୃତ୍ତିରେ ମଧ୍ୟ ସେମାନଙ୍କର ଚମତ୍କାରିତା ସୃଷ୍ଟି କରିଛନ୍ତି। ସ୍ୱାଧୀନତା ପୂର୍ବର ମହିଳାମାନଙ୍କ ଅବସ୍ଥା ଏବେ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି। ତଥାପି ପୁରୁଷମାନଙ୍କର ପ୍ରାଧାନ୍ୟ କମିନାହିଁ। ଏବେ ନାରୀମାନେ ନିର୍ଯାତିତା, ଧର୍ଷିତା, ଅବହେଳିତା। ନାରୀମାନଙ୍କ ପ୍ରଗତି ପାଇଁ ଆମକୁ ଆହୁରି ଅନେକ ବାଟ ଚାଲିବାର ଅଛି। ଖୁସି ଯେ ନାରୀମାନେ ଏବେ ନିଜ ସଂପର୍କରେ ଯଥେଷ୍ଟ ସଚେତନ ହେଲେଣି। ନାରୀମୁକ୍ତି ଆନ୍ଦୋଳନରେ ସେମାନେ ନିଜକୁ ସାମିଲ କରି ନିଜର ଦାବୀକୁ ହାସଲ କରିବାରେ ସମର୍ଥ ହେଲେଣି।

୧୯୩୫ ମାର୍ଚ୍ଚ ୨ ତାରିଖ ଦିନ ନୂଆଦିଲ୍ଲୀରେ ସରୋଜିନୀ ନାଇଡୁ ମହିଳାମାନଙ୍କ ସଂପର୍କରେ ଦେଇଥିବା ଏକ ଭାଷଣରେ କହିଥିଲେ, "ମହିଳାମାନେ ପୁରୁଷମାନଙ୍କର ଆଉ ହାତହତିଆର ବା ଖେଳନା କଣ୍ଢେଇ ନୁହଁନ୍ତି। ମହିଳାମାନେ ବର୍ତ୍ତମାନ ନୂତନ ଉନ୍ମାଦନାରେ ଓ କର୍ମଶକ୍ତିରେ ଉଦ୍‌ବୁଦ୍ଧ ହୋଇଛନ୍ତି। ସେମାନଙ୍କୁ ଯେଉଁ ଦାୟିତ୍ୱ ଆଜିପର୍ଯ୍ୟନ୍ତ ଦିଆଯାଇଆସିଛି, କେବଳ ସେତିକି ପାଳନ କରି ଆଜି ସେମାନେ ଚାଲନ୍ତୁ-ଏହା ଆମେ ଚାହୁଁନାହୁଁ। ମହିଳାମାନେ ଆଇନ୍ କ୍ଷେତ୍ରରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଏବଂ ତଜ୍ଜନିତ ଅନେକ କଷ୍ଟ ଭୋଗୁଛନ୍ତି। ଆଜି ଆମ୍ଭେମାନେ ଦେଶର ନୈତିକ, ଅର୍ଥନୈତିକ ଓ ରାଜନୈତିକ ଅଭିବୃଦ୍ଧି ପାଇଁ ପୁରୁଷମାନଙ୍କ ବେକରେ ଗୋଟାଏ ବୋଝ ହୋଇ ଝୁଲିବାକୁ ଆଉ ଚାହୁଁନାହୁଁ।"

ବାସ୍ତବିକ୍ ୧୯୩୫ ମସିହାରେ ସରୋଜିନୀ ନାଇଡୁଙ୍କର ଏ ଭାଷଣ ଆଜି କାର୍ଯ୍ୟତଃ ସାକାର ହୋଇଛି।

କେବଳ ଭାରତ ନୁହେଁ, ବିଶ୍ୱସ୍ତରରେ ନାରୀମୁକ୍ତି ଆନ୍ଦୋଳନ ପାଇଁ ସବୁଦେଶ ତତ୍ପର। ଆନ୍ତର୍ଜାତିକ ସ୍ତରରେ ଏ ନେଇ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ମହିଳା ଦିବସ ରୂପେ ପାଳନ କରାଯାଏ। ଅନେକେ ଏ ଦିବସଟିର ଯଥାର୍ଥ ତାତ୍ପର୍ଯ୍ୟ ନ ବୁଝି ଏହାକୁ ମାତୃ ଦିବସ ଅଥବା ଭାଲେନ୍‌ଟାଇନ୍ ଦିବସ କିମ୍ୱା ସେହିପରି ଅର୍ଥରେ ପାଳନ କରିଥାଆନ୍ତି। ବାସ୍ତବରେ ଏହା ତାହା ନୁହେଁ। ସମଗ୍ର ବିଶ୍ୱର ନାରୀମୁକ୍ତି, ନାରୀ ସ୍ୱତନ୍ତ୍ରତା ଏବଂ ନାରୀର ପ୍ରଗତି ନିମନ୍ତେ ସଚେତନତା ସୃଷ୍ଟି କରିବା ଅର୍ଥରେ ଏହା ଏକ ଦିବସ। ପୂର୍ବ ଇଉରୋପ, ଋଷ ଏବଂ ଅନ୍ୟ ସୋଭିଏତ ଦେଶରେ ଏହା ବିଶେଷତଃ ଛୁଟିଦିନ ଭାବେ ପାଳନ ହୋଇଆସୁଛି। ସୋସିଆଲିଷ୍ଟ ପାର୍ଟି ଆମେରିକାର ଘୋଷଣାକ୍ରମେ ୧୯୦୯ ଫେବୃୟାରୀ ୨୮ରେ ପ୍ରଥମ ଇଂଲଣ୍ଡ ଦ୍ୱାରା ଏହା ଜାତୀୟ ମହିଳା ଦିବସ ରୂପେ ପାଳିତ ହୋଇଥିଲା। ୧୯୭୫ରେ ପ୍ରଥମ ମିଳିତ ଜାତିସଂଘ ଦ୍ୱାରା ମାର୍ଚ୍ଚ ୮କୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ଆୟୋଜନ କରାଗଲା। ଏଥିପାଇଁ ପ୍ରତିବର୍ଷ ମିଳିତ ଜାତିସଂଘ ତରଫରୁ ଏକ ଥିମ୍ ରଖାଯାଇଥାଏ। ମହିଳାଙ୍କ ଅର୍ଥନୈତିକ, ରାଜନୀତିକ ଏବଂ ସାମାଜିକ ସଫଳତାର ଉତ୍କର୍ଷ ସ୍ୱରୂପ ଏହା ଅନୁଷ୍ଠିତ ହୋଇଥାଏ।

ଭାରତରେ ମହିଳାଙ୍କ ଉନ୍ନତିକଳ୍ପେ ଯଥେଷ୍ଟ ସୁବିଧା ଓ ସୁଯୋଗ ସୃଷ୍ଟି କରାଯାଇଛି। ଏପରିକି ଚଳିତ ବଜେଟ୍‌ରେ ମହିଳାମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା ନିଶ୍ଚିତ ଭାବରେ ଉତ୍ତମ ଲକ୍ଷଣ। ଆସନ୍ତୁ, ସେହି ନାରୀଶକ୍ତିର ଜୟଗାନ କରିବା: ***ଜୟ ଈଶ୍ୱରୀ ପତିତପାବନୀ ଲକ୍ଷ୍ମୀ ଗୋ ଜୟନାରୀ...।***

# ଚୀନ ପ୍ରତି ସଜାଗ ରୁହ !

ଏଥିରେ ବୋଧହୁଏ କେହି ଦ୍ୱିମତ ହେବେ ନାହିଁ ଯେ, ଚୀନର ବିସ୍ତାରବାଦୀ ନୀତି କାହାକୁ ଅଛପା ନଥିବ। କ୍ରମାଗତ ଭାବେ ତୃତୀୟ ଥର ଲାଗି ଚୀନର ରାଷ୍ଟ୍ରପତି ଭାବେ ସି ଜିନପିଙ୍ଗ ନିର୍ବାଚିତ ହେବା ପରେ ସେ ଚୀନର ସେନାବାହିନୀ ତଥା ପିପୁଲସ ଲିବରେସନ ଆର୍ମି (ପିଏଲଏ)କୁ ଯୁଦ୍ଧ ଜୟ କରିବା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ତାଙ୍କର ଯୁଦ୍ଧଖୋର ଏବଂ ବିସ୍ତାରବାଦୀ ନୀତି ସ୍ପଷ୍ଟ ସଂକେତ ପ୍ରଦାନ କରୁଛି ବୋଲି ନିଃସନ୍ଦେହରେ କୁହାଯାଇପାରେ। ନିକଟରେ ଚୀନ-ତାଇୱାନ ମଧ୍ୟରେ ଉତେଜନା ଲାଗି ରହିଥିବାବେଳେ ଏବେ ଚୀନର ଲଢୁଆ ବିମାନ ତାଇୱାନର ଆକାଶ ସୀମାରେ ପଇଁତରା ମାରୁଛି। ସେହିପରି ଚୀନର ସାମରିକ ଯୁଦ୍ଧ ଜାହାଜ ମଧ୍ୟ ତାଇୱାନର ଜଳସୀମାରେ ଘୁରି ବୁଲୁଥିବା କୁହାଯାଏ। ପରିସ୍ଥିତି ଏବେ ଯାହା ହୋଇଛି, ଯେକୌଣସି ସମୟରେ ଯୁଦ୍ଧ ଲାଗିବା ସମ୍ଭାବନାକୁ ଅଣଦେଖା କରାଯାଇ ନ ପାରେ। ସେହିପରି ଭାରତ ସହ ଚୀନର ସୀମା ବିବାଦ ଦୀର୍ଘ ସାତ ଦଶନ୍ଧି ଧରି ଲାଗି ରହିଛି। ସୀମାକୁ ନେଇ ଗୋଟିଏ ଥର ଦୁଇଦେଶ ମଧ୍ୟରେ ପ୍ରତ୍ୟକ୍ଷ ଯୁଦ୍ଧ ଲାଗିଥିବା ବେଳେ ଏବେ ପ୍ରତିବର୍ଷ ଚୀନର ସମରସଜ୍ଜା ଯୋଗୁଁ ଉତେଜନା ସୃଷ୍ଟି ହୋଇଛି। ଗତ ୨୦୨୦ ମସିହା ମେ' ମାସରେ ଚୀନର ଯୁବନେତାମାନେ ଲଦାଖର ଗଲୱାନ ଅଂଚଳରେ ବଳପୂର୍ବକ ଅନୁପ୍ରବେଶ କରିବାରୁ ଦୁଇ ଦେଶର ଯବାନଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଚୀନ ଯବାନଙ୍କ ଆକ୍ରମଣରେ ୨୦ଜଣ ଭାରତୀୟ ଯବାନ ସହିଦ ହୋଇଥିବାବେଳେ ଭାରତୀୟ ଯବାନଙ୍କ ପ୍ରତି ଆକ୍ରମଣରେ ୪୫ରୁ ଊର୍ଦ୍ଧ୍ୱ ଚୀନ ଯବାନ ପ୍ରାଣ ହରାଇଥିଲେ। ଗଲୱାନ ସଂଘର୍ଷ ପରେ ଦୁଇଦେଶ ମଧ୍ୟରେ କମାଣ୍ଡର ସ୍ତରୀୟ ଦୀର୍ଘ ଆଲୋଚନା ପରେ ବିବାଦୀୟ ଅଂଚଳ ତଥା ସୀମାରୁ ସେନା ପ୍ରତ୍ୟାହାର ପାଇଁ ଉଭୟ ପକ୍ଷ ସହମତି ପ୍ରକାଶ କରିଥିଲେ। ତେବେ ଉଭୟ ପକ୍ଷ ନିଷ୍ପତିକୁ କାର୍ଯ୍ୟକାରୀ କରିଥିଲେ। ଏବେ ଚୀନ ସଂଲଗ୍ନ ପରିସ୍ଥିତି ନେଇ ସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ ଯାହା କହିଛନ୍ତି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ଜେନେରାଲ ପାଣ୍ଡେ କହିଛନ୍ତି ଯେ, ଚୀନ ସଂଲଗ୍ନ ସୀମାନ୍ତ ପରିସ୍ଥିତି ଅତ୍ୟନ୍ତ ଅପ୍ରତ୍ୟାଶିତ ରହିଛି। ଏବେ ବି ଚୀନ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)ରୁ ସେନା ପ୍ରତ୍ୟାହାର କରିନାହିଁ। ଏପରିକି ମଧ୍ୟ ଚୀନ ସାମରିକ ଭିତିଭୂମି ନିର୍ମାଣ ବନ୍ଦ କରିନାହିଁ। ଏଲଏସିରେ ଚୀନ ସେନା ସଂଖ୍ୟାରେ ସେପରି କୌଣସି ବଡ ଧରଣର ହ୍ରାସ ଘଟିନାହିଁ।

## କେନ୍ଦ୍ରାପଡାର ନାଁକୁ ଅତିତରେ ବଦନାମ କରିଥିବା ବ୍ୟକ୍ତି ବିଜେଡି କାଉନସିଲର ପ୍ରାର୍ଥୀ ଦୌଡରେ

କେନ୍ଦ୍ରାପଡ଼ା (ପିଏନ୍): ଅତିତରେ କେନ୍ଦ୍ରାପଡାର ନାଁକୁ ବଦନାମ ଓ କଳଙ୍କିତ କରିଥିବା ଜନୈକ ବ୍ୟକ୍ତି ଏବେ କେନ୍ଦ୍ରାପଡା ପୌର ନିର୍ବାଚନରେ ବିଜୁଜନତା ଦଳରୁ କାଉନସିଲର ପ୍ରାର୍ଥୀ ହେବା ପାଇଁ ଲବି ଚଳାଇଥିବା ଅଭିଯୋଗ ହୋଇଛି। ସଂପୃକ୍ତ ବ୍ୟକ୍ତି ଜଣଙ୍କ ଗତ ୧୯୯୭ମସିହା ଡିସେମ୍ବର ମାସରେ ଜନୈକ ଯୁବତୀଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରିବା ସହିତ ସେହି ସମୟର ନଗ୍ନ ଫଟୋ ଉଠାଇଥିଲେ। ସେହି ଫଟୋକୁ ଦେଖାଇ ଯୁବତୀ ଜଣଙ୍କୁ ବ୍ଲାକମେଲିଂ କରିବା ଯୋଗୁଁ ଯୁବତୀ ଜଣଙ୍କ ବିଷ ପିଇ ଆତ୍ମହତ୍ୟା କରିଥିଲେ। ସେ ସମୟରେ ଏହି ଘଟଣାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାର ନାମ କଳଙ୍କିତ ହୋଇଥିଲା। ପରେ ସଂପୃକ୍ତ ବ୍ୟକ୍ତି ଗିରଫ ହୋଇ ଜେଲ ଯାଇଥିଲେ। ସେହି ବ୍ୟକ୍ତି ଜଣଙ୍କ ଗତ ୨୦୧୧ ମସିହାରେ ବିଜେଡିରୁ କାଉନସିଲର ପ୍ରାର୍ଥୀ ହେବାକୁ ଆବେଦନ କରି ଲବି ଚଳାଇଥିଲେ। କିନ୍ତୁ ଏଭଳି ଅପରାଧୀକ ଘଟଣା ସହିତ ସେ ସଂପୃକ୍ତ ଥିବା ଜଣାପଡ଼ିଯିବା ପରେ ଦଳର ସୁପ୍ରିମୋ ତାଙ୍କ ଆବେଦନକୁ ନାକଚ କରିଦେଇଥିଲେ। ଏବେ ପୁଣି ସେହି କଳଙ୍କିତ ବ୍ୟକ୍ତି ଜଣଙ୍କ ବିଜେଡିରୁ କାଉନସିଲର ପ୍ରାର୍ଥୀ ହେବାକୁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି। ମା'କୁ ସମ୍ମାନ ଦେଉଥିବା ବିଜୁ ଜନତା ଦଳ ସଂପୃକ୍ତ ବ୍ୟକ୍ତିଙ୍କୁ ଦଳୀୟ ଟିକେଟ ପ୍ରଦାନ ନକରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ପିପିଏଲ ଡିଏଭି ସ୍କୁଲ ପକ୍ଷରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ପାରାଦୀପ (ପିଏନ୍)-ଆନ୍ତର୍ଜାତୀୟ ମାତୃଭାଷା ଦିବସ ପରିପ୍ରେକ୍ଷୀରେ ପିପିଏଲରେ ଥିବା ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମ କରୋନା କଟକଣା ମଧ୍ୟରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସଂଜିବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେଦମନ୍ତ୍ର ଓ ଆଧାତ୍ମିକ ପରିବେଶରୁ ଆରମ୍ଭ ହୋଇଥିଲା । ଏଥିରେ ଶ୍ରୀ ସାହୁ ମାତୃଭାଷା ପାଳନ କରିବା ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଇତିହାସରୁ କିଛି ଛାତ୍ରଙ୍କର ବଳିଦାନ ଓ ସେହି ସହିଦ୍‌ମାନଙ୍କର ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଜାତୀସଂଘର ସ୍ୱୀକୃତି କ୍ରମେ ଆ'ର୍ଜାତୀକ ସ୍ତରରେ ମାତୃଭାଷା ଦିବସ ପାଳନର ମହତ୍ୱ ବିଷୟରେ ଶ୍ରୀ ସାହୁ ଆଲୋକପାତ କରିଥିଲେ ଏବଂ ନୂତନ ଶିକ୍ଷା ପଦ୍ଧତିରେ ମଧ୍ୟ ସବୁ ବିଦ୍ୟାଳୟ ପ୍ରାଥମିକ ସ୍ତରରେ ଶିକ୍ଷକମାନେ ମାତୃଭାଷାର ପ୍ରୟୋଗ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ଏହି ଦିବସରେ ବହୁ ସଂଖ୍ୟାରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ୟୁଟୁବ୍ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଡିଏଭି ପବ୍ଲିକ ସ୍କୁଲର ସଂଯୋଜକ ବୃନ୍ଦାବନ ରାଉତ ଓ ସଂଯୋଜିକା ରାଜଶ୍ରୀ ମହାପାତ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧାପିକା ତତ୍ତ୍ୱଦର୍ଶିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନବୀନଙ୍କ ସ୍ୱଚ୍ଛ ଶାସନରେ ଯୁବପିଢୀ ଅନୁପ୍ରାଣିତ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଆଜିର ଯୁବ ପିଢୀ ଅନୁପ୍ରାଣିତ ହୋଇ ପଡିଥିବା ଦେଖାଯାଇଛି। ଯେଉଁଥି ପାଇଁ କେନ୍ଦ୍ରାପଡା ପୌରଞ୍ଚଳର ବିଭିନ୍ନ ୱାର୍ଡରୁ ବହୁ ଯୁବକ ବିଜୁ ଜନତା ଦଳରୁ କାଉନସିଲର ପଦରେ ପ୍ରାର୍ଥୀ ହେବା ପାଇଁ ମନବଳାଇଥିବା ଦେଖାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ରାପଡା ପୌରାଞ୍ଚଳର ୫ନମ୍ବର ୱାର୍ଡରୁ ଛାତ୍ର ଜୀବନରୁ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିବା ଯୁବ ଡାକ୍ତର ସୁମିତ କୁମାର ସାହୁ, ୱାର୍ଡ ନମ୍ବର ୧୩ରୁ ସେକ ଅଇନୁଲ, ୱାର୍ଡ ନମ୍ବର ୧୮ରୁ ଉଚ୍ଚଶିକ୍ଷିତ ଯୁବକ ଅଫସର ଶେଖ ଓ ୱାର୍ଡ ନମ୍ବର ୧୯ରୁ ରକ୍ତଦାତା ତଥା ଯୁବ ସମାଜସେବୀ ପ୍ରଭାତରଞ୍ଜନ ଦାସ ପ୍ରମୁଖ। ଏହି ଯୁବକମାନେ ବିଜୁ ଜନତା ଦଳରୁ କେନ୍ଦ୍ରାପଡା ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ କାଉନସିଲର ପ୍ରାର୍ଥୀ ହେବାକୁ ଆବେଦନ କରିଥିବା ଜଣାପଡିଛି। ଏମାନଙ୍କ ମଧ୍ୟରେ ଡା. ସୁମିତ ରୋଗୀସେବାରେ ନିୟୋଜିତ ଥାଇ ଜନତାଙ୍କ ସେବା ପାଇଁ ମନବଳାଇଥିବା ବେଳେ 'ସଂଜୀବନୀ' ଅନୁଷ୍ଠାନ ମାଧ୍ୟମରେ ଏକ ଶହରୁ ଉର୍ଦ୍ଧ୍ୱ ଥର ରକ୍ତଦାନ ଶିବିରର ଆୟୋଜନ କରି ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗୃହିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରଭାତରଞ୍ଜନ ଅଛନ୍ତି। ସେହିଭଳି କରୋନା ସମୟରେ ଅସହାୟ ଲୋକମାନଙ୍କୁ ସହାୟତା ପ୍ରଦାନ ସହ ମହାମାରୀ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିବା ଅଫସର ଓ ଅଇନୁଲଙ୍କ ଭଳି ଯୁବକମାନେ ଅଛନ୍ତି।

## ନାମାଙ୍କନ ନ କରିବାକୁ ନେଇ ଚର୍ଚ୍ଚା: ପଟ୍ଟାମୁଣ୍ଡାଇ ପୌରସଂସ୍ଥାରେ ୧ , କେନ୍ଦ୍ରାପଡ଼ାରେ ଶୂନ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ନିର୍ବାଚନ ଆୟୋଗ ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପାଇଁ ଚଳିତମାସ ୨ରୁ ୭ତାରିଖ ପର୍ଯ୍ୟନ୍ତ ଦିନାଙ୍କ ଘୋଷଣା କରିଥିଲେ। କିନ୍ତୁ ଗତ ୨ ତାରିଖରୁ ଏହି ଆଧାରରେ ପଟ୍ଟାମୁଣ୍ଡାଇ ପୌରପାଳିକାରେ ଜଣେ ମାତ୍ର କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେ ହେଉଛନ୍ତି କଂଗ୍ରେସ ଦଳର ୧୯ନମ୍ବର କାଉନସିଲର ପ୍ରାର୍ଥୀ ସଞ୍ଜୟ କୁମାର ପଣ୍ଡା। କିନ୍ତୁ କେନ୍ଦ୍ରାପଡ଼ା ପୌରପାଳିକାରେ ନାମାଙ୍କନ ଦାଖଲ ସଂଖ୍ୟା ଶୂନ ରହିଛି। କାରଣ ନା କଂଗ୍ରେସ, ନା ବିଜେପି ନା ବିଜେଡି ଦଳରୁ କେହି ନାମାଙ୍କନ ଦାଖଲ କରି ନାହାଁନ୍ତି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦିନରେ ବି କେନ୍ଦ୍ରାପଡ଼ା ପୌରପାଳିକାର ଜଣେ ହେଲେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନାହାଁନ୍ତି। ଏହାର କାରଣ ହେଉଛି କଂଗ୍ରେସ ଦଳରୁ ଲକ୍ଷ୍ମୀପ୍ରିୟା ବାରିକ, ଗୋପିନାଥ ବାରିକ, ଅନ୍ନପୂର୍ଣ୍ଣା ଦାସ, ନଜମା ବେଗମ, ଉମେଶ ପାଢୀ ପ୍ରମୁଖ ଦଳୀୟ ଟିକେଟ ପାଇଁ ଆବେଦନ କରିଥିବା ବେଳେ ବିଜେପି ଦଳରୁ ମଧ୍ୟ କେତେକ ବ୍ୟକ୍ତି ଦଳୀୟ ଟିକେଟ ପାଇଁ ଆବେଦନ କରିଛନ୍ତି। କୌଣସି ଦଳରେ ଟିକେଟ ଫାଇନାଲ ହୋଇନଥିବା ଜଣାପଡିଛି। ବିଜେପି ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରିବେ ସେ ନେଇ ମନସ୍ଥ କରିଥିଲେ ବି ସେମାନେ ବିଜେଡି କେଉଁଦିନ ପ୍ରାର୍ଥୀ ତାଲିକା ଘୋଷଣା କରୁଛି ତାହାକୁ ଅପେକ୍ଷା କରିଛନ୍ତି। କିନ୍ତୁ ବିଜେଡିରୁ ଅଧିକ ଆଶାୟୀ ପ୍ରାର୍ଥୀ ଟିକେଟ ପାଇଁ ଆବେଦନ କରିଥିବାରୁ ଅଙ୍କକଷା ଛିଣ୍ଡୁ ନାହିଁ। ଫଳରେ ବିଜେଡିର ଟିକେଟ ଫାଇନାଲ ହୋଇପାରୁନଥିବା ଶୁଣିବାକୁ ମିଳିଛି।

## କେନ୍ଦ୍ରାପଡା ପୌରାଧ୍ୟକ୍ଷ ଦୌଡରେ ବିଜେପିରୁ ନଜମା



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ପୌରାଧ୍ୟକ୍ଷ ପଦ ପାଇଁ ଭାରତୀୟ ଜନତା ପାର୍ଟିରୁ ପ୍ରାର୍ଥୀ ହେବା ପାଇଁ ବିଜେପି ରାଜ୍ୟ ସଂଖ୍ୟାଲଘୁ ସେଲର ଉପସଭାପତି ମହମ୍ମଦ ସଲିମ ଖାନଙ୍କ ପତ୍ନୀ ନଜମା ବେଗମ ଦଳୀୟ ଟିକେଟ ପାଇଁ ଆବେଦନ କରିଛନ୍ତି। ନଜମାଙ୍କ ସ୍ୱାମୀ ସଲିମ ପୂର୍ବତନ କେନ୍ଦ୍ରାପଡା ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ସହିତ ରହି ଦୀର୍ଘବର୍ଷ ଧରି ଦଳର ସାଂଗଠନିକ କାର୍ଯ୍ୟରେ ନିୟୋଜିତ ରହି ଆସିଛନ୍ତି। ବିଗତ ସାଧାରଣ ନିର୍ବାଚନ ସମୟରେ ସଲିମ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳ ପାଇଁ ପ୍ରଚାର କରିବା ସହ ଦଳୀୟ ସଂଗଠନକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମଧ୍ୟ ସଲିମ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଥିଲେ। ଏଥିସହିତ ସଲିମ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ପଣ୍ଡାଙ୍କ ସହ ଆସାମ ରାଜ୍ୟରେ ବିଗତ ଦିନରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଥିଲେ। ଆସାମରେ ବିଜେପି ସରକାର କରିଛି। ବିଭିନ୍ନ ସମୟରେ ଯୁବନେତା ସଲିମ କେନ୍ଦ୍ରାପଡାର ଗରିବ ଅସହାୟ ଲୋକମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରିଥାନ୍ତି। ଜଣେ ମିଷ୍ଟଭାଷୀ, ମେଳାପି ତଥା ମହିଳାମାନଙ୍କୁ ସଂଗଠିତ କରିବାରେ ନଜମା ବେଶ ପାରଙ୍ଗମ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଫେବୃଆରୀ ୧**

# ନବୀନ ଓଡ଼ିଶା ଓ ରୂପାନ୍ତରଣରେ ଓଡ଼ିଶାରେ କ୍ରୀଡ଼ା କ୍ଷେତ୍ର

**ଅଲେଖ ଚନ୍ଦ୍ର ସାମଲ, ଓଏଫଏସ୍-୧ (ଏସ୍.ବି.)**



ଓଡ଼ିଶାରେ ଏବେ ବାସ୍ତବିକ ରୂପାନ୍ତରଣର ପର୍ଯ୍ୟାୟ ପହଞ୍ଚିଛି । ଏହା ସମ୍ଭବ ହୋଇପାରିଛି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓ ପ୍ରୋତ୍ସାହନ । ଯାହା ଓଡ଼ିଶାର ଆଥଲେଟିକ ମାନଙ୍କୁ ସଶକ୍ତିକରଣ ଓ ନୂଆ କ୍ରୀଡ଼ା ସୋପାନରେ ପହଞ୍ଚାଇବା ସହ ଓଡ଼ିଶାର କ୍ରୀଡ଼ା ବିକାଶ ଏକ ଅଦ୍ୱିତୀୟ ଉପଲବ୍ଧି ହାସଲ କରିବାରେ ସମର୍ଥ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଅତ୍ୟନ୍ତ ମାର୍ଗଦର୍ଶୀ ଓ ଯୋଜନାବଦ୍ଧ ଭାଗିଦାରୀ ଦ୍ୱାରା କ୍ରୀଡ଼ାକୁ ନେଇ ରୂପାନ୍ତରଣ କ୍ଷେତ୍ର ଉତ୍କୃଷ୍ଟତାର ନୂଆ ସୋପାନରେ ପହଞ୍ଚାଇ ପାରିଛି । ଓଡ଼ିଶା ସରକାର ତେରଶହ କୋଟି ଟଙ୍କାର ଉର୍ଦ୍ଧ୍ୱ କ୍ରୀଡ଼ା ବଜେଟ ସହିତ କ୍ରୀଡ଼ା ସଂସ୍କୃତି, କ୍ରୀଡ଼ାର ସାମଗ୍ରିକ ବିକାଶ ସର୍ବୋପରି କ୍ରୀଡ଼ାବିତ୍ ମାନଙ୍କ ଦୃଷ୍ଟାନ୍ତ ମୂଳକ ଅଗ୍ରଗତିକୁ ନୂଆ ରୂପରେ ପହଞ୍ଚାଇବାରେ ସମର୍ଥ ହୋଇଛି । ଅନେକ ହୁଏତ ଜାଣି ନଥିବେ ସମଗ୍ର ଭାରତରେ ଓଡ଼ିଶା ସମ୍ଭବତଃ ପ୍ରଥମ ରାଜ୍ୟ ଯିଏ ଆଶାତୀତ ଭାବେ କ୍ରୀଡ଼ା ବଜେଟ ରଖିଛି । କହିବାକୁଗଲେ କ୍ରୀଡ଼ାର ଉନ୍ନତି ଓ ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ତଥା ମହତ୍ୱପୂର୍ଣ୍ଣ ନିବେଶ କରି ଓଡ଼ିଶା ନିଜର କ୍ରୀଡ଼ା ପରମ୍ପରା ତଥା ଢାଞ୍ଚାକୁ ବରିଷ୍ଠ କରିବା ସହ ଏକ ସ୍ୱତନ୍ତ୍ର ସ୍ତରରେ ପହଞ୍ଚାଇବାରେ ସକ୍ଷମ ହୋଇଛି । ଓଡ଼ିଶାରେ ରାଜ୍ୟ କ୍ରୀଡ଼ା ଭିତ୍ତିଭୂମି ବିକାଶର ବଡ଼ ପ୍ରମାଣ ହେଉଛି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ସ୍ପୋର୍ଟସ କମ୍ପ୍ଲେକ୍ସ ଓ ରାଉରକେଲା ସ୍ଥିତ ବିର୍ଶା ମୁଣ୍ଡା ହକି ଷ୍ଟାଡିୟମ । ଏହି ଦୁଇ କ୍ରୀଡ଼ାର ଗୌରବର ଭିତ୍ତିଭୂମି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କ୍ରୀଡ଼ା ପ୍ରତିଭା ଚିହ୍ନଟ ଓ ବିକାଶରେ ଏହି ଦୁଇଟି ଭିତ୍ତିଭୂମି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏଠାରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ କ୍ରୀଡ଼ାବିତକୁ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି । ଯେଉଁଠାରେ ଦୌଡ଼କୁଦ, ଫୁଟବଲ ଓ ହକି ସମେତ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବେଶ ସଫଳତାର ସହ ଅନୁଷ୍ଠିତ ହେଉଛି । କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ କମ୍ପ୍ଲେକ୍ସରେ ବିଭିନ୍ନ କ୍ରୀଡ଼ା ପାଇଁ ଉଚ୍ଚକୋଟୀର ଭିତ୍ତିଭୂମି ରଖାଯାଇଛି ।

କଳିଙ୍ଗ ଷ୍ଟାଡିୟମରେ ଖୁବ ଶୀଘ୍ର ଇନଡୋର ଆଥଲେଟିକ ସେଣ୍ଟର ଉଦଘାଟିତ ହେବାକୁ ଯାଉଛି । ଏହା ଦେଶ ତଥା ସମଗ୍ର ଦକ୍ଷିଣ ଏସିଆର ସର୍ବବୃହତ୍ତ ଇନଡୋର ଆଥଲେଟିକ ଷ୍ଟାଡିୟମ ବିବେଚିତ ହୋଇଛି । ଯେଉଁଠାରେ ଦୁଇ ହଜାର ଦର୍ଶକ ବସି ପାରିବା ସହ ଦୁଇ ଶହ ମିଟରର ଆଥଲେଟିକ ଟ୍ରାକ ରହିଛି । ଏଠାରେ କ୍ରୀଡ଼ାବିତମାନେ ବର୍ଷ ତମାମ ବିନା ପ୍ରତିବନ୍ଧକ ଓ ସମସ୍ୟାରେ ଅଭ୍ୟାସ କରିବାର ବ୍ୟାପକ ସୁବିଧା ସୁଯୋଗ ପାଇପାରିବେ । ଯାହାଦ୍ୱାରା କେବଳ ଓଡ଼ିଶାରେ ନୁହେଁ ସାରା ଭାରତରେ କ୍ରୀଡ଼ାର ବିକାଶ ତ୍ୱରାନ୍ୱିତ ହୋଇପାରିବ । କଳିଙ୍ଗରେ ନିର୍ମାଣଧୀନ ଥିବା ବ୍ୟାଡମିଣ୍ଟନ ହାଇପର ଫର୍ମାନ୍ସ ସେଣ୍ଟର ବା ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ଯେଉଁପରି ସ୍ୱତନ୍ତ୍ର ଭାବେ ତିଆରି ହୋଇଛି ଏହା ପଛରେ ରହିଛି କିମ୍ବଦନ୍ତୀ ବ୍ୟାଡମିଣ୍ଟନ ଖେଳାଳୀ ତଥା ପ୍ରଶିକ୍ଷକ ଗୋପୀଚାନ୍ଦଙ୍କ ପ୍ରେରଣା ଓ ମାର୍ଗଦର୍ଶକ । ସେହିପରି କଳିଙ୍ଗ ଷ୍ଟାଡିୟମ ପରିସରରେ ରହିଥିବା ଜିମ୍ନାଷ୍ଟିକ ସେଣ୍ଟର ସବୁ ବୟସର ପ୍ରତିଯୋଗୀଙ୍କୁ କ୍ରୀଡ଼ା ପ୍ରୋତ୍ସାହନ ଓ ପ୍ରଶିକ୍ଷଣ ଦେବା ନେଇ ବ୍ୟାପକ ସୁଯୋଗ ଓ ଭିତ୍ତିଭୂମି ରହିଛି । କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଆଉ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି ତାହା ହେଉଛି ଇନଡୋର ଆକ୍ୱାଟିକ କମ୍ପ୍ଲେକ୍ସ । ଯାହାକି ଦେଶର ସର୍ବୋତ୍କୃଷ୍ଟ ବୋଲି ଏକ ସ୍ୱତନ୍ତ୍ର ପରିଚିତ ପାଇଛି । କଳିଙ୍ଗରେ ଦଶମିଟର ସୁଟିଂ ରେଞ୍ଜର ବ୍ୟବସ୍ଥା ରହିଛି । ଯେଉଁଠାରେ ଦଶ ଇଲେକଟ୍ରୋନିକ ଟାର୍ଗେଟ ପ୍ଲସ ଇଲେକଟ୍ରିକାଲ ଟାର୍ଗେଟ ଚେଞ୍ଜର ସମେତ କୋଡିଏଟି ଟାର୍ଗେଟ ରହିଛି । କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଦୁଇଟି ପିଚ ସହ ହକି ଷ୍ଟାଡିୟମ, ଜିମ୍ନାଷ୍ଟିକ ସେଣ୍ଟର, ୱେଟଲିଫ୍ଟିଂ ହଲ, ସୁଇମିଂ ପୁଲ କମ୍ପ୍ଲେକ୍ସ, ଫୁଟବଲ ତଥା ଆଥଲେଟିକ ଷ୍ଟାଡିୟମ, ଖେଲୋ ଇଣ୍ଡିଆ ଷ୍ଟେଟ ସେଣ୍ଟର ଫର ଏକ୍ସିଲେନ୍ସି ଓ ସ୍ପୋର୍ଟସ କ୍ଲାଇମ୍ବିଂ ହଲ ରହିଛି ।

ଓଡ଼ିଶାରେ କ୍ରୀଡ଼ା କ୍ଷେତ୍ରରେ ବ୍ୟାପକ ସରକାରୀ ସହାୟତା ଓ ପ୍ରୋତ୍ସାହନ ହିଁ ବଣ ମଲ୍ଲୀ ପରି ପ୍ରତିଭାବାନ କ୍ରୀଡ଼ାବିତଙ୍କ କ୍ରୀଡ଼ା ପ୍ରତିଭାକୁ ବାହାରକୁ ଆଣିପାରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦୂରଦୃଷ୍ଟି ଓଡ଼ିଶାରେ କ୍ରୀଡ଼ା ବିକାଶକୁ ଯେଉଁପରି ସୋପାନରେ ପହଞ୍ଚାଇଛି ତାହା କ୍ରୀଡ଼ା ପ୍ରତିଭା ଗୁଡ଼ିକର ପୋଷଣ ସହ କ୍ରୀଡ଼ାବିତଙ୍କ ସ୍ୱପ୍ନକୁ ଆହୁରି ଆଗକୁ ବଢ଼ାଇବା ଓ ତାହାକୁ ସାକାର କରିବା ସହିତ ସଫଳତାର ନୂଆ କାହାଣୀ ଲେଖିବାର ସମ୍ଭାବନାକୁ ଉଜ୍ଜୀବିତ କରିଛି । ଆଜି ବି ଆମ ସମାଜରେ ଅନେକ କ୍ରୀଡ଼ା ପ୍ରତିଭା ନିଜ ଗୌରବର ପ୍ରତିଭାକୁ ଲୋକଲୋଚନର ଉହାଡ଼ରେ ରହିଯାଇଛନ୍ତି । ସେମାନଙ୍କୁ ସରକାରଙ୍କ କ୍ରୀଡ଼ା ବିଭାଗ ଓ ବିଭିନ୍ନ ବେସରକାରୀ, ଦାତବ୍ୟ ସଂଗଠନମାନେ ସହଯୋଗ ଓ ପ୍ରୋତ୍ସାହନ ଦେଉଛନ୍ତି ଯାହାଦ୍ୱାରା ସେମାନଙ୍କ କ୍ରୀଡ଼ା ନୈପୁଣ୍ୟତା ଲୋକଲୋଚନକୁ ଆସି ପାରିବା ସହ ସେମାନେ ନିଜ କ୍ରୀଡ଼ା ସାମର୍ଥ୍ୟ ଦ୍ୱାରା ଓଡ଼ିଶାର ନୁହେଁ ଭାରତର ଗର୍ବ ଓ ଗୌରବ ପାଲଟିଛନ୍ତି ।

**ପୂର୍ବତନ ଡିଏଫଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,**
**ଦୂରଭାଷ : ୯୪୩୭୨୫୭୧୨୩**

# ଭଗବତୀ ଚରଣ ପାଣିଗ୍ରାହୀ



ଡ଼ଃ.ଅରୁନ୍ଧତୀ ଦେବୀ

ମାଟିକୁ ମାକୁ ଫିରିଙ୍ଗି କବରରୁ ମୁକ୍ତ କରିବାକୁ ଆନ୍ଦୋଳନରେ ଝାସ ଦେଇଥିବା ବୀରଙ୍କ ମଧ୍ୟରେ ଭଗବତୀ ଚରଣ ପାଣିଗ୍ରାହୀ ଅନ୍ୟତମ । ସତ୍ୟବାଦୀ ବିଦ୍ୟାଳୟରେ ନାମ ଲେଖାଇବା ପରେ ପଣ୍ଡିତ କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର, ଲିଙ୍ଗରାଜ ମିଶ୍ର, ଗୋଦାବରୀଶ ମିଶ୍ରଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ସେ ଆସିଥିଲେ । ସେମାନଙ୍କଠୁ ଦେଶାତ୍ମଭାବ, ତ୍ୟାଗ, ଦେଶ ସେବା ଶିକ୍ଷା ପାଇଲେ । ପୁରୀ ଜିଲ୍ଲା ସ୍କୁଲରୁ ମାଟ୍ରିକ ପାସ ପରେ କଟକରେ ଏଫ୍.ଏ. ଅଧ୍ୟୟନ କଲେ । ଏହି ସମୟରେ ଗାଁରେ ଜମିଦାର, ମହାଜନଙ୍କ ଶୋଷଣ ଓ ଅତ୍ୟାଚାର ବିଷୟରେ ସେ ଶୁଣୁଥିଲେ । ଜନସେବାରେ ସମୟ ବିତାଉଥିବାରୁ ତାଙ୍କ ପାରିବାରିକ ଜୀବନ ବହୁତ କଷ୍ଟରେ ବିତୁଥିଲା । ପାଟଣା ବିଶ୍ୱବିଦ୍ୟାଳୟରେ ଏମ୍.ଏ. ପଢ଼ିବା ସମୟରେ ଭଗବତୀ ସାମ୍ୟବାଦୀ ବିଚାରଧାରା ପ୍ରତି ଆକର୍ଷିତ ହୋଇଥିଲେ । ସେତେବେଳେ ଚାକିରି ସହଜରେ ମିଳୁଥିଲା, କିନ୍ତୁ ବ୍ରିଟିଶ ସରକାରଙ୍କ ଗୋଲାମ ହେବାକୁ ଚାହିଁନଥିଲେ । ଅହିଂସା ମାର୍ଗରେ ସ୍ୱାଧୀନତା ସମ୍ଭବ ନୁହେଁ ବୋଲି ଭଗବତୀ ମନେ କରୁଥିଲେ । ସମାଜବାଦ ବିଚାରକୁ ପ୍ରସାର କରିବା ଲାଗି ଓଡ଼ିଶା କଂଗ୍ରେସ ସୋସାଲିଷ୍ଟ ପାର୍ଟିର ସମ୍ପାଦକ ଭାବେ ଭଗବତୀ ନିର୍ବାଚିତ ହୋଇଥିଲେ । କୃଷକ ଆନ୍ଦୋଳନ, ଢ଼େଙ୍କାନାଳ ଆନ୍ଦୋଳନ, ଶ୍ରମିକ ସଂଗଠନ, ଛାତ୍ର ସଂଗଠନ ପ୍ରଭୃତିରେ ଭଗବତୀଙ୍କ ଅବଦାନ ସ୍ମରଣୀୟ । ସେ କୁସଂସ୍କାର ଓ ଅନ୍ଧବିଶ୍ୱାସର ଘୋର ବିରୋଧୀ ଥିଲେ । ନବଯୁଗ ସାହିତ୍ୟ ସଂସଦର ସେ ଥିଲେ ଅନ୍ୟତମ ପ୍ରତିଷ୍ଠାତା । ଜଙ୍ଗଲି, ହାତୁଡ଼ି ଓ ଦା, ଜୀବନର ସମାଧି, ମୃତ୍ୟୁର ବିବେଚନା, ଝଡ଼, ଆରମ୍ଭ ଓ ଶେଷ, ଶିକାରୀ ଆଦି ତାଙ୍କର କାଳଜୟୀ ସୃଷ୍ଟି । ୧୯୦୮ ଫେବୃଆରୀ ଆଜିର ଦିନ ପୁରୀ ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱନାଥପୁରରେ ଜନ୍ମଗ୍ରହଣ କରିଥିଲେ ଭଗବତୀ ଚରଣ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ପେଗାସେସକୁ ନେଇ ପୁଣି ଚର୍ଚ୍ଚା

ପୁଣି ଲେଉଟିବ ପେଗାସେସ ପ୍ରସଙ୍ଗ । ଯେଉଁ ପେଗାସେସ ପ୍ରସଙ୍ଗକୁ ମାନ୍ୟବର ସୁପ୍ରିମକୋର୍ଟ ବନ୍ଦ କରିଦେଇଥିଲେ ସେଇ ମାମଲା ପୁଣିଥରେ ଫାଇଲ ଭିତରୁ ବାହାରିବାର ସମ୍ଭାବନା ଦେଖାଦେଇଛି । ଏହି ପ୍ରସଙ୍ଗରୁ କ'ଣ ନିଷ୍ପତ୍ତି ବାହାରିବ ସେ କଥା ତ ଭବିଷ୍ୟତ କହିବ କିନ୍ତୁ ଏକଥା ନିଶ୍ଚିତ ଯେ ଅନେକ ବିଶିଷ୍ଟ ତଥା ଦାୟୀତ୍ୱବାନ ବ୍ୟକ୍ତିଙ୍କୁ ଏହା ଅସୁବିଧାରେ ପକାଇବ । ଏଥିପାଇଁ ସ୍ଥିତି ଉପରେ ନଜର ରଖିବା ଓ ସତର୍କ ରହିବା ପାଇଁ ଏବେ କିଛି ସମ୍ବନ୍ଧିତ ତତ୍ପର ହୋଇଉଠିଛନ୍ତି । ଏହି ପେଗାସେସ ରୂପି ଜିନ୍ ପୁଣି ବାହାରିବାର କାରଣ ହେଉଛି ଆମେରିକାରୁ ପ୍ରକାଶିତ ହେଉଥିବା ୱାସିଂଟନ ପୋଷ୍ଟ ନାମକ ଖବର କାଗଜରେ ପ୍ରକାଶ ପାଇଥିବା ଏକ ସମ୍ବାଦ । ୱାସିଂଟନ ପୋଷ୍ଟ ଖବରକାଗଜରେ ପ୍ରକାଶିତ ସମ୍ବାଦ ଅନୁସାରେ ଓୟାରର ସଂସ୍ଥାପକ ସିଦ୍ଧାର୍ଥ ବରଦରାଜନ ଏବଂ କରପସନ ସାଉଥ ଏସିଆର ସମ୍ପାଦକ ଆନନ୍ଦ ମଙ୍ଗାଲେ ସେମାନଙ୍କ ଫୋନକୁ ଇଣ୍ଟରନ୍ୟାସନାଲ ଲାବ୍ରୋଟୋରୀକୁ ଯାଞ୍ଚ ପାଇଁ ଦେଇଥିଲେ । ଯାଞ୍ଚ ପରେ ଜଣାପଡିଛି ଯେ ଦୁଇଜଣଙ୍କ ଫୋନରୁ ପେଗାସେସ ଥିବା ଜଣାପଡିଛି । ଏଣୁ କୁହାଯାଉଛି ଯେ ପେଗାସେସ ପ୍ରସଙ୍ଗ ପୁଣି ଉଠିପାରେ ।ଯେଉଁ ଇଣ୍ଟରନ୍ୟାସନାଲ ଲାବ୍ରୋଟୋରୀ ଫୋନ ଯାଞ୍ଚ କରିଥିଲା । ସେଇ ଲାବ୍ରୋଟୋରୀକୁ ସାରାବିଶ୍ୱରେ ମାନ୍ୟତା ଦିଆଯାଇଥାଏ । ନିକଟରେ ଏପଲଫୋନ ବ୍ୟବହାର କାରୀ ମାନଙ୍କୁ ସୁରକ୍ଷା ସମ୍ପର୍କୀତ ସୂଚନା (ସିକ୍ୟୁରିଟି) ଆଲର୍ଟ) ଜାରି କରାଯାଇଥିଲା ଓ କୁହାଯାଇଥିଲା ଯେ ଏଥିରୁ ବର୍ତ୍ତିବା ପାଇଁ ପଦକ୍ଷେପ ନେବା ଦରକାର ।

ପେଗାସେସ ହେଉଛି ଏକ ଗୁଇନ୍ଦା ସଫଟଓୟାର ଯାହାକୁ ଇସ୍ରାଏଲର କମ୍ପାନୀ ଏନଏସଓ ପ୍ରସ୍ତୁତ କରିଛି । ଏହି ସଫଟଓୟାରର ସହଯୋଗରେ ଯେକୌଣସି ବ୍ୟକ୍ତିର ଫୋନର କଥାବାର୍ତ୍ତାକୁ ସହଜରେ ରେକର୍ଡିଂ କରିହେବ । ଏଣୁ ଏହି ସଫଟଓୟାର କୁ ସ୍ପାଇଓୟାର ବୋଲି ମଧ୍ୟ କୁହାଯାଇଥାଏ । ନ୍ୟୁୟର୍କ ଟାଇମସ ସମ୍ବାଦପତ୍ରରେ ଏହି ପେଗାସେସ ସ୍ପାଇଓୟାର ବାବଦର ଖବର ପ୍ରକାଶ ପାଇଥିଲା । ଖବରରେ କୁହାଯାଇଥିଲା ଯେ ଭାରତ ସରକାର ଏହାକୁ କ୍ରୟ କରିଥିଲେ । ନ୍ୟୁୟର୍କ ଟାଇମସର ଏହି ଖବର ପ୍ରକାଶ ପରେ ସଂସଦରେ ବିରୋଧି ଦଳମାନେ ହୋ ହାଲ୍ଲା କରିଥିଲେ, ଅଭିଯୋଗ ଉଠିଥିଲା ଯେ ପେଗାସେସ ମାଧ୍ୟମରେ ଭାରତର ଅନେକ ସାମ୍ବାଦିକ, ବରିଷ୍ଠ ଅଧିବକ୍ତା, ସୁପ୍ରିମକୋର୍ଟ- ହାଇକୋର୍ଟର ବିଚାରପତି, ରାଜନେତା ଓ ସରକାରୀ ଅଧିକାରୀ ମାନଙ୍କ ଫୋନ ଟ୍ୟାପିଙ୍ଗ କରାଯାଇଥିଲା । ଯଦି ଏହି ଅଭିଯୋଗ ସତ୍ୟ ତେବେ ଦେଶର ସୁରକ୍ଷା ବ୍ୟବସ୍ଥା ପାଇଁ କ୍ଷତିକାରକ ନିଶ୍ଚୟ । ପେଗାସେସ ପ୍ରସଙ୍ଗ ସୁପ୍ରିମକୋର୍ଟକୁ ଯାଇଥିଲା । ସରକାର ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟକୁ ମଧ୍ୟ ରିପୋର୍ଟ ଦେଇଥିଲେ । ପରେ ସୁପ୍ରିମକୋର୍ଟ ଏହି ମାମଲାକୁ ବନ୍ଦ କରି ଦେଇଥିଲେ । ପେଗାସେସ ଗୁଇନ୍ଦା କାଣ୍ଡ ମାମଲାକୁ ନେଇ ବେଶ୍ କିଛି ଦିନ ବିରୋଧିମାନେ ହଟ୍ଟଗୋଳ କରିଥିଲେ ଓ ସଂସଦ କାର୍ଯ୍ୟକୁ ମଧ୍ୟ ଚକାଇ ଦେଇନଥିଲେ । ବିରୋଧିଙ୍କ ପେଗାସେସ ପ୍ରସଙ୍ଗରେ ତଦନ୍ତ ପାଇଁ କରାଯାଇଥିବା ଦାବିକୁ ସରକାର ଚପାଇ ଦେଇଥିଲେ । ସୁପ୍ରିମକୋର୍ଟ ମଧ୍ୟ ଏଘଟଣାର ତଦନ୍ତକୁ ବନ୍ଦ କରିଦେବା ପାଇଁ ଆଦେଶ ଦେବା ପରେ ପ୍ରସଙ୍ଗଟି ଥଣ୍ଡା ପଡ଼ିଯାଇଥିଲା ।

ସଂସଦରେ ଏ ପ୍ରସଙ୍ଗରେ ଆଲୋଚନା ମଧ୍ୟ ହୋଇଥିଲା କିନ୍ତୁ ସରକାର ଏପ୍ରସଙ୍ଗରେ କୌଣସି ସ୍ପଷ୍ଟିକରଣ ଦେଇନଥିଲେ । କିନ୍ତୁ ପେଗାସେସ କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ କମ୍ପାନୀ କେବଳ ସରକାରଙ୍କୁ ଏହି ସଫ୍ଟୱୟାର ବିକ୍ରୀ କରିଛି । ଏବେ ୱାସିଂଟନ ପୋଷ୍ଟର ଖବର ପରେ ପୁନର୍ବାର ସରକାର କାଠଗଡ଼ାରେ ଠିଆ ହେବେ ବୋଲି ଆଶଙ୍କା ପ୍ରକାଶ ପାଉଛି । ସମ୍ବେଦନଶୀଳ କଥା ହେଉଛି ସରକାର ଅଥବା କେଉଁ ସୁରକ୍ଷା ସଂସ୍ଥା ଏହି ପେଗାସେସ ସଫ୍ଟୱୟାର କ୍ରୟ କରିଛି ସେ ବାବଦରେ କୌଣସି ତଥ୍ୟ ପ୍ରଦାନ କରିନାହାଁନ୍ତି । କିନ୍ତୁ ୱାସିଂଟନ ପୋଷ୍ଟ ଇଣ୍ଟରନ୍ୟାସନାଲ ଲାବ୍ରୋଟୋରୀ ଠାରୁ ତଥ୍ୟ ସଂଗ୍ରହ କରି ଖବର ପ୍ରକାଶ କରିଛି ଏବଂ କହିଛି ଯେ ଲାବ୍ରୋଟୋରୀରେ ଯେଉଁ ଦୁଇଟି ଫୋନର ଯାଞ୍ଚ ହୋଇଥିଲା ସେଥିରେ ପେଗାସେସ ଥିବାର ଜଣା ପଡ଼ିଛି । ଖବର ପ୍ରକାଶନ ପରେ ପେଗାସେସ ପୁନର୍ବାର ଆଲୋଚନାକୁ ଆସିଛି । ପେଗାସେସ ଗୁଇନ୍ଦା ମାମଲାରେ ଭାରତର ଜଣେ ବିଶିଷ୍ଟ ଶିଳ୍ପପତିଙ୍କ ନାମ ମଧ୍ୟ ଆସୁଛି । ଘଟଣାର ଗୁରୁତ୍ୱଦୃଷ୍ଟିରୁ ଘଟଣାକୁ ଏଡାଇ ଦିଆଯିବା ମଧ୍ୟ ଅସମ୍ଭବ । ଏ ଘଟଣାରେ ସଂପୃକ୍ତ କମ୍ପାନୀ ଏବଂ ବ୍ୟକ୍ତି ବିଶେଷଙ୍କ ବାବଦରେ ତଦନ୍ତ ହେବାର ଆବଶ୍ୟକତା ରହିଛି ।

*ରାମଚନ୍ଦ୍ର ପୁର, ରଣପୁର*
*ମୋ : ୯୪୩୮୪୮୫୦୯୪*

# ମାନବ ବାଦର ଅକ୍ଷୟ ଭଣ୍ଡାର ରାମ ରାଜ୍ୟ ଓ ରାମାୟଣ



**ଉମାଶଙ୍କର ପ୍ରସାଦ**

ଆଜକୁ ଦୀର୍ଘ ୫୦୦ ବର୍ଷ ଧରି ମୁସଲମାନଙ୍କ କବଳରେ ଥିଲା ରାମ ଜନ୍ମ ଭୂମି ମାତ୍ର ପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ତଥା ରାମଙ୍କ ପ୍ରତି ଭକ୍ତି ଫଳରେ ଆଜି ରାମ ଜନ୍ମଭୂମି ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି ଯାହା ପ୍ରତ୍ୟେକ ସନାତନ ସଂସ୍କୃତିର ବ୍ୟକ୍ତି ବିଶେଷଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ରାମଙ୍କୁ ନେଇ ଆଦି କବି ବାଲ୍ମୀକି ତାଙ୍କ ଅମର କାବ୍ୟ ରାମାୟଣରେ ଶତ ସହସ୍ର ସାହିତ୍ୟ ସ୍ରଷ୍ଟାଙ୍କୁ ପ୍ରେରଣାର ଅମର ବରଦାନ କରି ମାନବତାକୁ ଏକ ଦିବ୍ୟ ଆଲୋକପକାରୀ ଜୀବନ ପାଥେୟ ଦେଇଛି । ଆଜି ମଧ୍ୟ ଆଦିକବିଙ୍କ ବାଣୀରୂପା ପୁଣ୍ୟ ସଲିଳା ଭାଗୀରଥୀରେ ପାଠକ ତଥା କବିମାନେ ନିତ୍ୟ ଅବଗାହନ କରି ଆତ୍ମାର ପୁଷ୍ଟୀକରଣ କରୁଛନ୍ତି । ଭାରତୀୟ ସଂସ୍କୃତିର ଅକ୍ଷୟ ଭଣ୍ଡାର ଏବଂ ମାନବତାର ଆଦର୍ଶ ମନୋରମ ମଞ୍ଜୁଷା ରାମ ଚରିତ ଓ 'ରାମାୟଣ'କଥା ଆଜି ମଧ୍ୟ ପୃଥିବୀର କୋଣେ କୋଣେ ଗୁଞ୍ଜିତ ହେବା ସହ ନିମ୍ନଲିଖିତ ଭବିଷ୍ୟବାଣୀକୁ ଅକ୍ଷରଶଃ ସତ୍ୟ ବୋଲି ସିଦ୍ଧ କରୁଛି:- " ଯାବତସ୍ଥାସ୍ୟନ୍ତି ଗିରୟଃ ସରିତଶ୍ଚ ମହୀତଳେ । ତାବଦ୍ରାମାୟଣ କଥା ଲୋକେଷୁ ପ୍ରଚରିଷ୍ୟତି" । ସମାଜର ଏହି ଉପଜୀବ୍ୟ କାବ୍ୟରେ ମାନବତାର ଆଦର୍ଶ ସମଗ୍ର ପୂର୍ଣ୍ଣତାର ସହ ପ୍ରସ୍ଫୁଟିତ ହୋଇଛି । ଏହା ସେହି ଆଦର୍ଶ ଯାହାର ଅନୁସରଣ କରି ମାନବତା ନିଜ ଗନ୍ତବ୍ୟର ସ୍ୱର୍ଣ୍ଣିମ ସୋପାନ ଉପରେ ଅଗ୍ରସର ହୋଇଛି ଏବଂ ଯାହାର ବ୍ୟବହୃତ ଆଚରଣ ଆଜିମଧ୍ୟ ସନ୍ତପ୍ତ ମାନବତାକୁ ପ୍ରକାଶୋନ୍ମୁଖ କରି ଶାନ୍ତିର ପଥ ଉପରେ ନେବାକୁ ସକ୍ଷମ । ମହର୍ଷି ବାଲ୍ମୀକୀ ନିଜ ବାଣୀ ଦ୍ୱାରା ପ୍ରତ୍ୟେକ ମନୁଷ୍ୟକୁ ଲୋକ କଲ୍ୟାଣ ଦିଗରେ ଅଗ୍ରସର କରାଇଛନ୍ତି ଏବଂ ତାଙ୍କର ସେହି ମାନବତାର ଆଦର୍ଶ ଉଦ୍ ଘୋଷଣା କରୁଥିବା ବାଣୀ 'ରାମଚରିତ ମାନସ' ର କାଳଜୟୀ ସ୍ରଷ୍ଟା ତୁଳସୀଦାସଙ୍କ ବ୍ୟକ୍ତିତ୍ୱରେ ଶତତଃ ଧ୍ୱନିତ ହୋଇଛି । ଆଦର୍ଶ ପିତା, ଆଦର୍ଶ ମାତା,ଆଦର୍ଶ ଭ୍ରାତା, ଆଦର୍ଶ ପତ୍ନୀ, ଆଦର୍ଶ ପତି ଓ ଆଦର୍ଶ ଭୃତ୍ୟ ଓ ଆଦର୍ଶ ଶାସକ- ଏ ସମସ୍ତ ଆଦର୍ଶର ସମାହାର ଘଟିଛି ରାମାୟଣରେ ଓ ନାୟକ ରାମଙ୍କ ଠାରେ । ବାଲ୍ମିକୀ ନାରଦଙ୍କୁ ଜିଜ୍ଞାସା କରିଥିଲେ "ଚାରିତ୍ରେଣ ଚକୋ ଯୁକ୍ତଃ"- ଚରିତ୍ରହିଁ ମନୁଷ୍ୟକୁ ଦେବତା କରାଏ । ମାତ୍ର ଦୁଃଖ ଓ ପରିତାପର ବିଷୟ ଆଜିର ସମାଜରେ ନେତାଠାରୁ ଜନତା ସମସ୍ତିଙ୍କ ଚରିତ୍ରରେ ସ୍ଖଳନ ଘଟିଛି । କିନ୍ତୁ ଚରିତ୍ରର ପରିପୂର୍ଣ୍ଣ ବିକାଶ ମର୍ଯ୍ୟାଦା ପୁରୁଷୋ□ମ ରାମଚନ୍ଦ୍ରଙ୍କଠାରେ ଦୃଷ୍ଟି ଗୋଚର ହୁଏ । ବିଚାରକୁ ନେଲେ 'ରାମଚରିତ୍ରହିଁ ଆର୍ଯ୍ୟ ଚରିତ୍ରର ଆଦର୍ଶ ଓ ମାନବତାର ଚରମ ଅଭିବ୍ୟକ୍ତି' । ଭଗବଦ୍ ଗୀତା ରେ ପ୍ରଦର୍ଶିତ ପ୍ରତ୍ୟେକ ଆଦର୍ଶ ଓ ସଭାବ ରାମଚନ୍ଦ୍ରଙ୍କଠାରେ ଥିଲା । ଯେଉଁ ରାମ ରାଜ୍ୟ ଅଧିକାର ପାଇ ହର୍ଷୋନ୍ମତ ହୋଇନଥିଲେ , ସେହି ରାମ ରାଜ୍ୟରୁ ବହିର୍ଭୂତ ହୋଇ କି□ନ୍ମାତ୍ର ବି ବ୍ୟଥିତ ବା ଶୋକାର୍ତ ହୋଇନଥିଲେ । ତେବେ ଆଜିର ନେତା ରାମଲାଲାଙ୍କ ମନ୍ଦିର ପ୍ରତିଷ୍ଠା କରିବା ସହ ରାଜୀବ ଲୋଚନ ରାଘବେନ୍ଦ୍ର ସରକାରଙ୍କର କିଛି ଗୁଣକୁ ନିଜ ଦୈନନ୍ଦିନ ଜୀବନରେ ଉତାରି ପାରିଲେ ଏ ସମାଜରେ ରାମ ରାଜ୍ୟର ପ୍ରତିଷ୍ଠା ହେବ ବୋଲି ଆଶା ।

ପ୍ରଭୁ ମର୍ଯ୍ୟାଦା ପୁରୁଷୋ□ମ ଶ୍ରୀରାମ ସନାତନ ଧର୍ମର ନିତ୍ୟ ଶାଶ୍ୱତ ମୂଲ୍ୟବୋଧ ସହିତ ଲୋକମର୍ଯ୍ୟାଦା- ଧାରଣରେ କଷ୍ଟ ସହି ଅନୁପମ ତ୍ୟାଗ ସ୍ୱୀକାର କରିବାରେ ରାଜରାଜେଶ୍ୱର । ଭାରତୀୟ ସଂସ୍କୃତିରେ ତ୍ୟାଗ ଓ ଭୋଗଭିତରେ ଧର୍ମ ରକ୍ଷାର ଆଦର୍ଶ ମାନବ ଶ୍ରୀରାମ ମହାମାନବ ଚରିତ୍ରର ନିଖୁଣ ଚିତ୍ର ପ୍ରସ୍ତୁତ କରି ସାର୍ବଭୌମିକ ମୂଲ୍ୟର ପ୍ରତିଷ୍ଠା କରିଛନ୍ତି । ସମସ୍ୟାପୂର୍ଣ୍ଣ ଜଟିଳ ଜଗତ୍ ଓ ମାନବ ଜୀବନ ସମ୍ପର୍କରେ ରାମାୟଣରେ ବହୁ ଉପାଦେୟ ଉପଦେଶ ପରିପୂର୍ଣ୍ଣ ହୋଇ ରହିଛି । ସେଗୁଡିକ ମଧ୍ୟରୁ ସାମ୍ପ୍ରତିକ କାଳରେ ଲୋକଙ୍କ ପାଇଁ ଗୋଟିଏ ମହାନ୍ ଉପଦେଶ ହେଉଛି, ଧର୍ମର ପ୍ରତିଷ୍ଠା ପାଇଁ କିପରି ଜଣେ ବଡ ନେତାଙ୍କୁ ରାଜନୈତିକ କ୍ଷମତା ତ୍ୟାଗ ପାଇଁ ପ୍ରସ୍ତୁତ ହେବାକୁ ପଡିବ । ରାମଙ୍କର ଚରିତ୍ର ଯଦି ପୁରୁଷ ଜାତି ପାଇଁ ଆଦର୍ଶ, ସ୍ତ୍ରୀ ଜାତି ପାଇଁ ଭଗବତୀ ଜନକ-ନନ୍ଦିନୀ ସୀତାଙ୍କ ଚରିତ୍ର ମହାନ ଆଦର୍ଶ ହେବ । ତାଙ୍କ ଚରିତ୍ରରେ ଭାରତୀୟ ନାରୀର ପବିତ୍ରତା ସେବାପରାଣୟତା ଆଦି ଗୁଣ ମାନଙ୍କର ମନୋଜ୍ଞ ସମାହାର ଘଟିଛି । ନିମ୍ନୋକ୍ତ ଶ୍ଳୋକ ଏ କଥାର ପ୍ରମାଣ ସ୍ୱରୂପ ଯେ, ଭାରତୀୟ ନାରୀ କୌଣସି ପରିସ୍ଥିତିରେ ମଧ୍ୟ ପରପୁରୁଷ ଆଡକୁ ଚକ୍ଷୁ ଉଠାଇ ଦେଖିପାରିବନି । " ଚରଣେନାପି ସବ୍ୟେନ ନ ସ୍ପୃଶେୟଂ ନିଶାଚରମ୍ । ରାବଣଂ କିଂ ପୁନରହଂ କାମୟେୟ ବିଗର୍ହିତମ୍ ।" ଏହି ଆଦର୍ଶରେ ଭାରତୀୟ ନାରୀର ବିଶିଷ୍ଟତା ଅବିକଳ ଭାବରେ ପରିଲିକ୍ଷିତ ହୁଏ । ସ୍ତ୍ରୀ ଓ ପୁରୁଷ ମାନବତାର ମାନଦଣ୍ଡ । ଦୁହିଁଙ୍କ କାର୍ଯ୍ୟକଳାପ ଦ୍ୱାରା ହିଁ ମାନବତାର ମାପ କରାଯାଏ । ତେଣୁ ପବିତ୍ର ଭାରତ ଭୂମିରେ ଭବ୍ୟରାମ ମନ୍ଦିର ନିର୍ମାଣ ହେବା ସହ ପ୍ରତ୍ୟେକ ପୁରୁଷ ଓ ନାରୀ ମାନବତାର ଆଦର୍ଶ ପ୍ରତିପାଦନ କରିବା ଦରକାର । ରାମ ଏପରି ଏକ ଶବ୍ଦ:- ଯାହାର ଅର୍ଥ- ର-ରକ୍ଷତି ବା ରକ୍ଷା କରେ, ଅ- ଅତି ସୌଖ୍ୟ ଦିଏ, ମ-ମନୋରଥ ପୁରଣ କରେ । "ର- କାରେଣ ନିଜଂ ଭକ୍ତଂ ଭବାବ୍ଧେଃ ପରିରକ୍ଷତି- ଅକାରେଣ ଅତି ସୌଖ୍ୟଂ ହି ସ୍ୱଭକ୍ତସ୍ୟ କରୋତି ଯତ । ମନୋରଥ, ମ କାରେଣ ଦଦାତି ସ୍ୱଜନସ୍ୟ ଯତ୍ । ଅଥବା ନିଜ ଭକ୍ତସ୍ୟ ମରଣାଦି ମୁହୁର୍ମୁହୁଃ । ନିବାରୟତି ତତ୍ ଶଙ୍କବଭକ୍ତ ରାମ ନାମ ବରଂ ତତଃ ଅୟମେବା ସଦା ଜପ୍ୟୋ ରାମେତି ଦ୍ୱ୍ୟକ୍ଷରଂ ମନୁଃ ॥ ଏହା ସହିତ ନେତା ଠାରୁ ଜନତା ନିଜକୁ ରାମଙ୍କ ଗୁଣରେ ହଜାଇ ଦେଇ ପାରିଲେ ଏ ସମାଜ ଓ ସଂସାର ରାମମୟ ହୋଇଯିବ ।

ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ ;୬୩୭୦୬ ୭୫୫୬୨

# ଯାହା କହେ ସ୍ୱପ୍ନର କାହାଣୀ



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

□ ପିମ୍ପୁଡ଼ି : ଯଦି ସ୍ୱପ୍ନରେ ଆପଣ ପିମ୍ପୁଡ଼ି ଦେଖୁଥାନ୍ତି, ତେବେ ଖୁବ ଶୀଘ୍ର ଆପଣଙ୍କୁ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଦାୟିତ୍ୱ ବହନ କରିବାକୁ ପଡ଼ିପାରେ । ଆଉ ଯଦି ସେହି ସ୍ୱପ୍ନରେ ପିମ୍ପୁଡ଼ିମାନେ ଆପଣଙ୍କ ଗୃହ ଭିତରେ ପ୍ରବେଶ କରିବାର ଦୃଶ୍ୟ ଥାଏ ତେବେ ଘରେ ଆପଣଙ୍କ ପାରିବାରିକ ସମସ୍ୟା ଦେଖାଦେଇପାରେ । ତେଣୁ ପୂର୍ବରୁ ଆପଣ ସତର୍କ ହୋଇଯାଆନ୍ତୁ ଏବଂ ଘରେ କିପରି ସମସ୍ୟା ନ ଉପୁଜୁ ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

□ ଆକ୍ୱାରିୟମ୍ : ସ୍ୱପ୍ନରେ ଆକ୍ୱାରିୟମ୍ ଦେଖିବାର ଅର୍ଥ ଆପଣ ନିଜକୁ ଏବଂ ନିଜ ଚିନ୍ତାଧାରାକୁ ଗୋଟିଏ ନିର୍ଦ୍ଧିଷ୍ଟ ପରିସୀମା ଭିତରେ ସୀମିତ ରଖି ଦେଇଛନ୍ତି । ଯାହା ବେଳେବେଳେ ଆପଣଙ୍କୁ ଅଣନିଃଶ୍ୱାସ କରି ଦେଉଥିଲେ ବି ସେଥିରୁ ମୁକୁଳିବା ପାଇଁ ଆପଣଙ୍କର ଇଛା ନାହିଁ । ଆଉ ଯଦି ସ୍ୱପ୍ନରେ ଆକ୍ୱାରିୟମ୍ ଭାଙ୍ଗିଯିବାର ଆପଣ ଦେଖିଛନ୍ତି, ତେବେ କେହି ଜଣେ ଆପଣଙ୍କ ଅନିଚ୍ଛାସତ୍ତ୍ୱେ ମଧ୍ୟ ଆପଣଙ୍କୁ ବାଧ କରୁଛି ନିଜର ଚିନ୍ତାଧାରାକୁ ବଦଳାଇବା ପାଇଁ ।

□ ମହୁମାଛି : କଠିନ ପରିଶ୍ରମ ତଥା ଦଳଗତ ମନୋଭାବର ଅର୍ଥ ପ୍ରକାଶ କରିଥାଏ ମହୁମାଛିର ସ୍ୱପ୍ନ । ଅର୍ଥାତ୍ ଖୁବ୍ ନିକଟରେ ଆପଣ ଏବଂ ଆପଣଙ୍କର କେତେକ ସହଯୋଗୀ ମିଶି କୌଣସି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାକୁ ଯାଉଛନ୍ତି । ଯେଉଁଥିରେ ମୁଖ୍ୟ ହେବେ ଆପଣ ଏବଂ ପୁରା ଟିମ୍‌କୁ ହ୍ୟାଣ୍ଡେଲ କରିବାର ଦାୟିତ୍ୱ ଆପଣଙ୍କୁ ବୁଝିବାକୁ ପଡ଼ିବ । ଯଦି ସ୍ୱପ୍ନରେ ମହୁମାଛିଟି ଆପଣଙ୍କୁ ଦଂଶନ କରୁଛି, ତେବେ ଆପଣ ଉକ୍ତ କାର୍ଯ୍ୟରେ ହେଳା କରି ସହଯୋଗୀମାନଙ୍କ ଦ୍ୱାରା ଅପମାନିତ ହେଉଛନ୍ତି ବୋଲି ଭାବିନିଅନ୍ତୁ ।

□ ଗାଈ : ଗାଈକୁ ଗୋ'ମାତା ବୋଲି ଆମେ ପୂଜା କରିଥାଉ । ମା'ଯେପରି ପିଲାର ମନ କଥା ଜାଣି ତାକୁ ଖାଇବାକୁ ଦେଇଥାଏ, ଠିକ୍ ସେମିତି ଗୋ'ମାତା ତାର ଦୁଗ୍ଧ ଦେଇ ଆମକୁ ହୃଷ୍ଟପୃଷ୍ଟ କରିଥାଏ । ଯଦି ସ୍ୱପ୍ନରେ ଆମକୁ ସେହି ଗୋମାତା ଦେଖାଦିଅନ୍ତି, ତେବେ ତାହାର ଅର୍ଥ ଆମ ଶରୀରରେ ନ୍ୟୁଟ୍ରିସନର ପରିମାଣ କମ୍ ଅଛି ଏବଂ ଆମେ ଦୁର୍ବଳ ହୋଇଯାଇଛୁ । ତେଣୁ ଆମକୁ ନିଜ ଶରୀର ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ ଆଉ ପ୍ରଚୁର ପରିମାଣରେ ପୌଷ୍ଟିକ ଖାଦ୍ୟ ଖାଇବା ଦରକାର ।

□ ଝିଟିପିଟି : ଝିଟିପିଟି ଯେମିତି କାନ୍ଥରେ ଅଠାଭଳି ଲଖି ରହିଥାଏ, ଆଉ ଶିକାର ଦେଖିଲା ମାତ୍ରେ ତାକୁ ଖାଇବା ପାଇଁ ଶୀଘ୍ର ଦୌଡ଼ିଯାଏ, ଠିକ୍ ସେମିତି ଆପଣଙ୍କୁ ମଧ୍ୟ ସର୍ବଦା ସାଜଗ୍ ରହିବାର ଅଛି । ଆଉ ଯଦି ଏହି ଝିଟିପିଟିକୁ ଆପଣ ସ୍ୱପ୍ନରେ ଦେଖିଛନ୍ତି, ତାହେଲେ ଆଗକୁ ହୁଏତ ଆପଣଙ୍କ ଆଡ଼କୁ କୌଣସି ବିପଦ ମାଡ଼ି ଆସୁଛି, ସେଥିପାଇଁ ଆପଣ ହୁସିଆର୍ ରହିବା ଉଚିତ୍ ।

□ ପଞ୍ଜୁରି : ଯଦି ଆପଣ ନିଜେ ପଞ୍ଜୁରି ଭିତରେ ବନ୍ଦୀ ହୋଇଥିବାର ସ୍ୱପ୍ନ ଦେଖିଛନ୍ତି, ତେବେ ଆପଣ କୌଣସି ଗମ୍ଭୀର ପରିସ୍ଥିତିରେ ଧନ୍ଦି ହେଉଛନ୍ତି । ଚେଷ୍ଟା କଲେ ବି ସେଥିରୁ ମୁକ୍ତି ପାଇପାରୁ ନାହାନ୍ତି । ହେଲେ ଆପଣଙ୍କୁ ଅନ୍ୟ କେହି ବନ୍ଦୀ ଥିବାର ସ୍ୱପ୍ନ ଆସୁଛି, ତାହେଲେ ଏହାର ଅର୍ଥ ହେଉଛି ଯେ ଆପଣଙ୍କ ଦ୍ୱାରା କୌଣସି ବ୍ୟକ୍ତି ଅସୁବିଧାରେ ପଡ଼ିପାରନ୍ତି । କିନ୍ତୁ ଖାଲି ପିଞ୍ଜରା ସ୍ୱପ୍ନର ଅର୍ଥ ଆପଣ ବର୍ତ୍ତମାନ ସମ୍ପୂର୍ଣ୍ଣ ମୁକ୍ତ, ଆପଣଙ୍କ ଉପରେ କୌଣସି ବିପଦ ନାହିଁ ।

□ ମାଛ : ପୋଖରୀରେ ଜୀବିତ ମାଛ ପହଁରୁଥିବା ସ୍ୱପ୍ନର ଅର୍ଥ ଆର୍ଥିକ ଫାଇଦା, ହେଲେ ମଲା ମାଛ ଭାସୁଥିବାର ଦୃଶ୍ୟ ଅଶୁଭର ଲକ୍ଷଣ ତଥା ନିରାଶର ସୂଚନା । ସେହିପରି ସ୍ୱପ୍ନରେ ଭଜା ମାଛ ଦେଖିଲେ, ଆପଣଙ୍କ ଆଶା ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି । ତା'ଛଡ଼ା ବଡ଼ ମାଛ ଧନ ଓ ସମ୍ମାନ ପ୍ରାପ୍ତିର ସୂଚନା ଦେଉଥିବାବେଳେ ଛୋଟ ମାଛ ଦୁଃଖ, କଷ୍ଟ ତଥା ଅବସାଦର ପ୍ରତୀକ ସଦୃଶ କାମ କରିଥାଏ ।

□ ଫୁଲ : ଯଦି ଆପଣ ଫୁଲତୋଡ଼ାର ସ୍ୱପ୍ନ ଦେଖିଛନ୍ତି, ତେବେ ଏହାର ଅର୍ଥ ହେଉଛି ଖୁବ୍ ଶୀଘ୍ର ଆପଣ କୌଣସି ସମ୍ମାନିତ କରାଯିବ । ସେହିପରି ମଉଳି ଯାଇଥିବା ଫୁଲ ଅସମ୍ମାନ ତଥା ବେଖାତିରି ଭାବ ପ୍ରକାଶ କରୁଥିବାବେଳେ ପ୍ଲାଷ୍ଟିକ ଫୁଲ ଈର୍ଷା ତଥା କ୍ରୋଧର ସୂଚନା ଦେଇଥାଏ ।

□ ସୁନା : ଯଦି ଆପଣ ସ୍ୱପ୍ନରେ ନିଜ ହାତରେ ସୁନା ଥିବାର ଦେଖୁଛନ୍ତି, ତେବେ ଆପଣଙ୍କ ଭାଗ୍ୟ ଖୁବ୍ ଉଜ୍ଜ୍ୱଳ ଅଛି । କିନ୍ତୁ ସୁନା ଯଦି ହଜିଯାଇଛି ଆଉ ଆପଣ ତାହାକୁ ଖୋଜୁଥିବାର ସ୍ୱପ୍ନ ଦେଖିଛନ୍ତି, ତେବେ ଏହାର ଅର୍ଥ ହେଉଛି ଆପଣ ନିଜର ଖାମ୍‌ଖିଆଲ ଗୁଣ ଯୋଗୁଁ ନିକଟରେ ଗୋଟେ ବଡ଼ କ୍ଷତି ସହିବେ । ସେଥିପାଇଁ ପୂର୍ବରୁ ହୁସିଆର ହୋଇଯିବା ଉଚିତ । ସେହିପରି କୌଣସି ଯୁବତୀ ଯଦି ସୁନାର ଉପହାର ପାଇଥିବାର ସ୍ୱପ୍ନ ଦେଖନ୍ତି, ତେବେ ସେ ଭବିଷ୍ୟତରେ ଜଣେ ଧନୀ ବ୍ୟକ୍ତିଙ୍କୁ ବିବାହ କରିବାକୁ ଯାଉଛନ୍ତି ବୋଲି ସୂଚିତ ହୋଇଥାଏ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday February 01, 2024 ଭୁବନେଶ୍ୱର ଗୁରୁବାର, ଫେବୃଆରୀ ୦୧,୨୦୨୪ Daily Edition : R.N.I.No: ODIODI/1999/00717 Postal Regd. No: BN/57/18-20 www.paryabekhyak.com



## ପାରାଦୀପ ବନ୍ଦର ଗସ୍ତରେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ



ପାରାଦୀପ,(ପି.ଏନ): ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଏଚ୍. କ୍ରିଷ୍ଣାମୂର୍ତୀ ଦିନିକିଆ ପାରାଦୀପ ଗସ୍ତରେ ଆସିଥିଲେ । ଏହି ଗସ୍ତ ଅବସରରେ ସେ ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ୍.ହରନାଦଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ପାରାଦୀପ ବନ୍ଦର ପୋତାଶ୍ରୟ ଅଂଚଳକୁ ଟଗ୍ ବୋଟ୍ ରେ ଯାଇ ବନ୍ଦରର ବର୍ଥ ଓ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକ ଦେଖିଥିଲେ । ପାରାଦୀପ ଗସ୍ତ ପୂର୍ବରେ ସେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ସୂଚନା ମିଳିଛି । ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଏଚ୍. କ୍ରିଷ୍ଣାମୂର୍ତୀ ଭାରତ ସମେତ ଭୂଟାନର ମଧ ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ହାଟଡିହିର ବିଭିନ୍ନ ସ୍ଥାନରେ ଶନିଦେବଙ୍କ ପୂଜା ଅନୁଷ୍ଠିତ

ହାଟଡିହି,(ପି.ଏନ): କେନ୍ଦୁଝର ଜିଲା ହାଟଡିହି ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଶନିଶ୍ଚର ମନ୍ଦିର ଓ ଶନି ବୃକ୍ଷ ମୂଳେ ପୂଜାର୍ଚ୍ଚନା ଚାଲିଛି । ଆଜି ଶନିଦେବଙ୍କ ଓଷା ଥିବାରୁ ଶନିଦେବ ଧର୍ମ ଓ ନ୍ୟାୟର ପ୍ରତୀକ ବୋଲି ବିବେଚନା ହେଉଥିବାବେଳେ ତାଙ୍କୁ ପୂଜାକଲେ ସୁଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି । ସୋସୋ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଶନିଙ୍କ ମନ୍ଦିରରେ ଆଜି ସକାଳୁ ଶନି ଓଷା କରିଥିବା ମହିଳାଙ୍କର ଭିଡ ଲାଗିଥିଲା । ସେହିପରି ବହୁ ପୁରାତନ ମୋଟରା ଗଡିଆ ଠାରେ ହଜାର ହଜାର ଭକ୍ତଙ୍କର ଭିଡ ଲାଗିଥିବାରୁ ବାଉଁଶ ବନ୍ଧାଯାଇ ଧାଡି କରି ଠାକୁର ଦର୍ଶନ କରି କୃପାଲାଭ କରିଥିଲେ । ସେହିପରି ଝୁଣାବାଡି, ଛେନାପଦି, ଉଅଁର, ତାମ୍ପଳା, ବ୍ରାହ୍ମଣିକଳା, ଜାବିନ୍ନପୁର, ହାଟଡିହି, ବଂଚୋ, ବର୍ଦ୍ଧନପୁର ଆଦି ବିଭିନ୍ନ ସ୍ଥାନରେ ଶନି ପୂଜା କରାଯାଇଥିଲା । ସୋସୋ ଓ ନନ୍ଦିପଦା ପୁଲିସଙ୍କ ଦ୍ୱାରା ଶୃଙ୍ଖଳା ରକ୍ଷା କରାଯାଇଥିଲା । ଜିଲାପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ଜିଲାପରିଷଦ ଉପାଧକ୍ଷ ସୋମନାଥ ଦାସ, ଜିଲାପରିଷଦ ସଦସ୍ୟା କୌଶଲ୍ୟା ସେଠୀ ବିଭିନ୍ନ ଶନିଶ୍ଚର ମନ୍ଦିରରେ ପଦାର୍ପଣକରି କୃପାଲାଭ କରିଥିଲେ ।

## ମଧ୍ୟପ୍ରଦେଶ ରାଜ୍ୟର କଂଗ୍ରେସ ନିର୍ବାଚନ ପ୍ରକ୍ରିୟାରେ ଓଡ଼ିଶା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ନେତୃତ୍ୱମାନଙ୍କର କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ




ଭୁବନେଶ୍ୱର,(ପି.ଏନ) : ଏ.ଆଇ.ସି.ସି ଦ୍ୱାରା ନିଯୁକ୍ତି ପ୍ରଦେଶ ନିର୍ବାଚନ ଅଧିକାରୀ ଭାବେ ଡଃ ରାମଚନ୍ଦ୍ର ଖୁଂଟିଆ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଭାବେ ମଦନ ମୋହନ ଧଳ, କିଶୋର ଜେନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ତା. ୦୭/୦୫/ ୨୦୨୨ ରିଖ ଦିନ ଭୋପାଳସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ପରେ ପରେ ଶ୍ରୀ ମଦନ ମୋହନ ଧଳ ଇନ୍ଦୋର ସହର ଓ କିଶୋର ଚନ୍ଦ୍ର ଜେନା ଭୋପାଳ ସହର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏ ନିର୍ବାଚନ ପ୍ରକ୍ରିୟା ଚଳିତ ମାସ ମଧ୍ୟରେ ସମାପ୍ତ ହେବ ବୋଲି ପ୍ରକାଶ କରିଛନ୍ତି । ଏହି ପ୍ରକ୍ରିୟାରେ ସାରା ଦେଶରୁ ୫୨ ଜଣ ଜିଲ୍ଲା ନିର୍ବାଚନ ଅଧିକାରୀ ନିଯୁକ୍ତି ପାଇଛନ୍ତି । ସମସ୍ତେ ଆଶାବାଦୀ ଆଗାମୀ ୨୦୨୩ ମଧ ପ୍ରଦେଶ ରାଜ୍ୟ ନିର୍ବାଚନରେ କଂଗ୍ରେସ ଦଳ ଆଶାନୁରୂପକ ଫଳ ପାଇବ ।

## ସମ୍ଭାବ୍ୟ ବାତ୍ୟା ଓ ବର୍ଷାରୁ ଫସଲର ସୁରକ୍ଷା ନିମନ୍ତେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ପରାମର୍ଶ

ବାଲେଶ୍ୱର,(ପି.ଏନ): ଦକ୍ଷିଣ ଆଣ୍ଡାମାନ ସାଗର ତଥା ଏହାର ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ଥିବା ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହୋଇ ଆସନ୍ତା ୧୦ତାରିଖ ବେଳକୁ ଉତର ଆନ୍ଧ୍ର ଓ ଓଡିଶା ଉପକୂଳ ଦେଇ ଗତି କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉପକୂଳ ଓଡିଶାର ଜିଲ୍ଲାଗୁଡିକରେ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ପରିପ୍ରେକ୍ଷୀରେ ସମ୍ଭାବ୍ୟ ବାତ୍ୟା ଓ ବର୍ଷାରୁ ଫସଲ ସୁରକ୍ଷା ତଥା ପରିଚାଳନା ନିମନ୍ତେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡିଶା ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ଚାଷୀମାନଙ୍କ ନିମନ୍ତେ ବିଭିନ୍ନ ପରାମର୍ଶ ଜାରି କରାଯାଇଛି । ଡାଲୁଅ ଧାନ ୮୫% ପାକଳ ହୋଇ ଯାଇଥିଲେ ଏହାକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବା, ବିଳମ୍ବରେ ଲଗାଯାଇଥିବା ଧାନ ଫସଲରୁ ଅତ୍ୟଧିକ ଜଳ ନିଷ୍କାସନର ବ୍ୟବସ୍ଥା କରିବା ଏବଂ ବର୍ଷା ଆଶଙ୍କା ଯୋଗୁଁ ଫସଲରେ ରୋଗନାଶକ ଏବଂ କୀଟନାଶକ ପ୍ରୟୋଗ ନ କରିବାକୁ ଜିଲ୍ଲାର କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି । ସେହିପରି ମୁଗ, ବିରି, ଚିନାବାଦାମ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବା, ବିଳମ୍ବରେ ଲଗାଯାଇଥିବା ଚିନାବାଦାମ ଫସଲ ସହିତ ପନିପରିବା ଫସଲରୁ ଅତ୍ୟଧିକ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ କୃଷକମାନଙ୍କୁ କୁହାଯାଇଛି । ଲଟାଜାତୀୟ ପନିପରିବାରେ ରଞ୍ଜା ଓ କଦଳୀ, ଅମୃତଭଣ୍ଡା ଆଦି ଗଛରେ ଡେରା ସହିତ ଆଖୁ ଫସଲ ପବନରେ ନଇଁ ପଡିଥିଲେ ତାକୁ ଉଠାଇଦେବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି । କୃଷକମାନେ ଏ ନେଇ ଯେପରି ଆଗୁଆ ସୂଚନା ପାଇ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିପାରିବେ ତାହା ସୁନିଶ୍ଚିତ କରିବା ଲାଗି କୃଷି ବିଭାଗ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତୀ ନିର୍ଦ୍ଦେଶ ଦେଇଛନ୍ତି ।

## ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ୧୩୫ ଛାତ୍ର ଛାତ୍ରୀ ପୁରସ୍କୃତ



ଶେରଗଡ଼ (ପିଏନ ): ଶେରଗଡ଼ ବ୍ଲକ ନରେନ୍ଦ୍ରପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ରେ ଆଜି ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଛି ।ଅତିଥି ମାନଙ୍କୁ ଛାତ୍ରଛାତ୍ରୀ ଙ୍କୁ ଦ୍ୱାରା ଶୁଭେଚ୍ଛା ଜଣାଇ ପାଛୋଟି ନିଆଯାଇଥିଲା ।ପରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଙ୍କ ପ୍ରତିନିଧି ଶରତ ମହାପାତ୍ର, ସ୍ୱତନ୍ତ୍ର ଅତିଥିଭାବେ ମୁଖ୍ୟମନ୍ତ୍ରୀ ଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ ଶେଖର ମିଶ୍ର,ମୁଖ୍ୟ ବକ୍ତା ଭାବେ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପାଢୀପାଢ଼ୀ ,ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାଶିଷ ବରାଳ, ତହସିଲଦାର ତ୍ରିଦେବ ରଥ ଯୋଗ ଦେଇ ଛାତ୍ର ଛାତ୍ରୀ ମାନେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସ୍ମାମାନ ଦେଇ ଭଲ ପାଠ ପଢ଼ ,ଭଲ ପାଠ ପଢି ଏକ ହୋଇ ନିଜ ବିଦ୍ୟାଳୟରେ ନାଁ ରଖ,ସଦାବେଳେ ଉଚ୍ଚ ଅଭିଳାଷ ରଖି ଆଗକୁ ଆଗକୁ ବଢ଼ିବାରେ ଚେଷ୍ଟା କରି ଭଲ ମଣିଷ ହେବାକୁ ଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ବ୍ଲକ ଅଧକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ସମାଜ ସେବୀ ସନ୍ତୋଷ କୁମାର ପଟ୍ଟନାୟକ,ରାଜ୍ୟ ବିଜୁ ସେତୁ ନିର୍ଦ୍ଦେଶକ ଶରତ ଚନ୍ଦ୍ର ପାତ୍ର,ରାଜ୍ୟ ସମାଜ ମଙ୍ଗଳ କଲ୍ୟାଣ ବୋର୍ଡ ସଭାପତି, ହୀନ ବେହେରା ,ସମାଜ ସେବୀ ଦିଗାମ୍ବର ନାହାକ ବେହେରା,ଏସ.ଏମ,ସି ସଭାପତି, ବରୁଣ କୁମାର ପୋଲାଇ,୫୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ମନୋରମା ପୋଲାଇ,ସମିତି ସଭ୍ୟ ସରୋଜ କୁମାର ପାତ୍ର,ପ୍ରଧାନ ଶିକ୍ଷକ ଲଡୁ କିଶୋର ନାହାକ, ସି ଆର ,ସିସି ଦାଶ ରଥୀ ଜେନା, କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ,ପ୍ରତାପ କୁମାର ଦାଶ, ଦେବୀ ପ୍ରସାଦ ଷଡଙ୍ଗୀ, ରଞ୍ଜିତ ପାଣିଗ୍ରାହୀ,ଚରଣ ନାୟକ, ବିଦେଶୀ ସେଠି, ସ୍ୱାଧୀନ କୁମାର ଦାଶ,ଜୟନ୍ତୀ ପାତ୍ର, ତେଜସ୍ମିତା ପାଢ଼ୀ, ମାନଶୀ ସେଠି, ପୂଜା ମହାନ୍ତି,ଜାନକୀ ପ୍ରଧାନ, ସସ୍ମିତା ମହାପାତ୍ର, ନନ୍ଦିତା ସାହୁ,ରାଜଲକ୍ଷ୍ମୀ ସାହୁ ଙ୍କ ସମେତ କର୍ମଚାରୀ ମାନେ ଉତ୍ସବ କୁ ପରିଚାଳନା କରିଥିଲେ ।ବିଦ୍ୟାଳୟର ସମସ୍ତ କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



TUITION CLASSES for Std I to Std V Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

## MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act


## ଶ୍ରୀ ବଳଦେବ ଜୀଉଙ୍କ ବଡଦାଣ୍ଡ ଉନ୍ନତି କରଣ ପ୍ରକଳ୍ପର ଶୁଭାରମ୍ଭ



କେନ୍ଦୁଝର,(ପି.ଏନ):କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପୀଠ ପାଳଟିବ ଐତିହ୍ୟ ସ୍ଥଳୀ । ଏଥିପାଇଁ ଶ୍ରୀ ବଳଦେବ ଜୀଉଙ୍କ ମନ୍ଦିର, ବଡଦାଣ୍ଡ ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଆରମ୍ଭ କରାଯାଇଛି ବୋଲି ଜିଲ୍ଲାପାଳ ଆଶିଷ ଠାକରେ କହିଛଁ । ଚଳିତ ମଇ ୬ତାରିଖ ଶୁକ୍ରବାର ସନ୍ଧ୍ୟାରେ କେନ୍ଦୁଝରଗଡ ପୁରୁଣା ସହର ବଡଦାଣ୍ଡରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଠାକରେ ଏହା କହିବା ସହ ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ସମ୍ପର୍କରେ ସବିଶେଷ ସୂଚନା ଦେଇ କହିଥିଲେ ଯେ ଶ୍ରୀ ବଳଦେବ ଜୀଉଙ୍କର ବଡଦାଣ୍ଡ ଅତି ସୁନ୍ଦର, ମନ୍ଦିର ଓ ବଡଦାଣ୍ଡ ଓ ପୁରୁଣା ସହରର ଗାରିମାମୟ ଇତିହାସ ଓ ଐତିହ୍ୟ ରହିଛି । ଆଧାତ୍ମିକ ଓ ସଂସ୍କୃତିକୁ ଭିତ୍ତି କରି ଉନ୍ନତିକରଣ,ସୌନ୍ଦର୍ଯ୍ୟ କରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶ୍ରୀ ଶ୍ରୀ ବଳଦେବ ଜୀଉ ମନ୍ଦିରର ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ କାର୍ଯ୍ୟକ୍ରମ ଚାଲୁ ରହିଛି । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ଆନୁସଙ୍ଗିକ ଉନ୍ନତି କରଣ କାମ ଶୀଘ୍ର ଆରମ୍ଭ କରାଯିବ । ଏହି ପରିପ୍ରେକ୍ଷୀରେ ବଡଦାଣ୍ଡ ଓ ପାରିପାର୍ଶ୍ୱିକ ଉନ୍ନୟନ ଓ ସୌନ୍ଦର୍ଯ୍ୟ କରଣ ପାଇଁ ଯୋଜନାବଦ୍ଧ ଭାବେ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି ଏବଂ ଏ କାର୍ଯ୍ୟ ଆଗାମୀ ରଥଯାତ୍ରା ପୂର୍ବରୁ ଶେଷ କରାଯିବ । ବଡଦାଣ୍ଡର ଉନ୍ନତିକରଣ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟକ୍ରମ ସ୍ୱରୂପ ବିଭିନ୍ନ ପ୍ରକାର ଫୁଲର ଚିତ୍ର, ପାରମ୍ପରିକ କଳା, ବଡଦାଣ୍ଡ ପାର୍ଶ୍ୱରେ ଲାଇଟ୍ ପୋଷ୍ଟରେ ଶ୍ରୀ ବଳଦେବଜୀଉଙ୍କର ବିଭିନ୍ନ ବେଶର ପଟ୍ଟଚିତ୍ର ପ୍ରଦର୍ଶନ, ଉଭୟ ପାର୍ଶ୍ୱରେ ପାଦଚଲା ରାସ୍ତା, ଯୋଜନାବଦ୍ଧ ଭେଣ୍ଡିଂ ଜୋନ୍, ମାଉସୀ ମା' ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ, ଡ୍ରେନ୍ ଗୁଡିକର ଘୋଡଣୀ, ହାଡବନ୍ଧ ପୋଖରୀର ବିକାଶ, ପାଠାଗାରର ବିକାଶ, ମୁକାକାଶ ଅବସର ବିନୋଦନ ବ୍ୟବସ୍ଥା, ବଡଦାଣ୍ଡର ପାର୍ଶ୍ୱରେ ଏକକ କଳାକୃତି ପ୍ରଦର୍ଶନ, ବଡଦାଣ୍ଡ ପାର୍ଶ୍ୱରେ ଭକ୍ତିଭାବନା ସୃଷ୍ଟିକାରୀ ବାତାବରଣ ଓ ଆଲୋକୀକରଣ ବ୍ୟବସ୍ଥା ତଥା ଆନୁସଙ୍ଗିକ ବିକାଶ କରାଯିବ ଓ ବଡଦାଣ୍ଡ ନୂଆ ରୂପରେ ଝଲସିବ ବୋଲି ଜିଲ୍ଲାପାଳ କହିଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀ, ଦେବୋତ୍ତର, ପୁରଣା ସହରବାସୀ, ବରିଷ୍ଠ ନାଗରିକ, ସେବାୟତ, ଗଣମାଧ୍ୟମର ପ୍ରତିନିଧି ବିଭିନ୍ନ ସମୟରେ ଅକୁଣ୍ଠ ସହଯୋଗ ଯୋଗାଇ ଥିବାରୁ ଜିଲ୍ଲାପାଳ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏସ୍‌ପି ଶ୍ରୀ ମିତ୍ରଭାନୁ ମହାପାତ୍ର ଏବଂ ଡି.ଏଫ୍.ଓ. କେନ୍ଦୁଝର ଧନରାଜ ଏଚ୍.ଡି. ବକ୍ତବ୍ୟ ପ୍ରଦାନ କରି ମନ୍ଦିର, ବଡଦାଣ୍ଡ ଓ ପାରିପାର୍ଶ୍ୱିକ ଉନ୍ନୟ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରି ଏହାଦ୍ୱାରା ମହାପ୍ରଭୂ ଶ୍ରୀ ବଳଦେବ ଜୀଉଙ୍କର ମହିମା ଅଧିକ ରଦ୍ଧିମ' ହେବା ସହ ଅଧିକ ଭକ୍ତ, ପର୍ଯ୍ୟଟକ କେନ୍ଦୁଝର ପ୍ରତି ଆକର୍ଷିତ ହେବେ । ଶ୍ରୀ ବଳଦେବ ଜୀଉଙ୍କର ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରଚାର ପ୍ରସାର ବ୍ୟାପକ ହୋଇ ପାରିବ ବୋଲି କହିଥିଲେ । ଏତଦ୍ ବ୍ୟତୀତ ଉନ୍ନତି କରଣ ଓ ସୌନ୍ଦର୍ଯ୍ୟ କରଣ ପରେ ଏହା ଜନସାଧାରଣଙ୍କ ସମ୍ପତ୍ତି ହେବ ଏବଂ ଏହାର ସୁରକ୍ଷା ଓ ସଂରକ୍ଷଣ ଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି ଆଶା କରିଥିଲେ । ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସେଂାଷ ବେହେରା, ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, କେନ୍ଦୁଝର ନିଜ ବକ୍ତବ୍ୟରେ ମନ୍ଦିର, ବଡଦାଣ୍ଡର ସୌନ୍ଦର୍ଯ୍ୟକରଣ, ଉନ୍ନତିକରଣ କାର୍ଯ୍ୟକ୍ରମକୁ ଏକ ଐତିହ୍ୟ ଘଟଣା ବୋଲି ବର୍ଣ୍ଣନା କରି ଏହା ଦ୍ୱାରା ଶ୍ରୀ ବଳଦେବ ଜୀଉଙ୍କ ପୀଠ ସ୍ଥଳୀ ସ୍ଥଳୀର ଗାରିମା ବୃଦ୍ଧି ହେବ ଏବଂ ସମସ୍ତଙ୍କ ସହଯୋଗରେ ଭାରତର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରିବ ବୋଲି କହିଥିଲେ । ଶ୍ରୀ ବଳଦେବ ଜୀଉଙ୍କ କାଷ୍ଠ ନିର୍ମିତ ରଥ ସମଗ୍ର ପୃଥିବୀରେ ସର୍ବୋଚ୍ଚ ରଥର ମାନ୍ୟତା ଲାଭ କରିଛି ଯାହାର ସ୍ୱୀକୃତି ସ୍ୱରୂପ ଗିନିଜ୍ ବୁକ୍ ଅଫ୍ ୱାଲର୍ଡ ରେକର୍ଡରେ ସ୍ଥାନ ପାଇଛି ବୋଲି ଘୋଷଣା କରିଥିଲେ । ଏହା ଜିଲ୍ଲା, ରାଜ୍ୟ ଓ ଦେଶ ପାଇଁ ଗର୍ବ ଓ ଗୌରବର କଥା ବୋଲି କହିଥିଲେ । ସୂଚନା ଯୋଗ୍ୟ ଯେ ଏହା ପୂର୍ବରୁ ଶ୍ରୀ ବଳଦେବ ଜୀଉଙ୍କ ରଥ ନନ୍ଦିଘୋଷ ନେସନାଲ ରେକର୍ଡସ୍, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ, ଏସିଆ ପାସିଫିକ୍ ଆଇକନ, ଗ୍ଲୋବାଲ ରେକର୍ଡସ, ୱଣ୍ଡର ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇ ସାରିଥିଲା । ଏହି ଅବସରରେ ଶ୍ରୀ ବଳଦେବ ଜୀଉଙ୍କର ସେବାରେ ନିଜକୁ ନିୟୋଜିତ ରଖି ନିଷ୍ଠା ଓ ଆ'ରିକତାର ସହ ପରମ୍ପରାକୁ ବଜାୟ ରଖିଥିବା ଚାରିପୀଢ ଭୂୟାଁ ସର୍ଦ୍ଦାର କୁ ଦେହୁରୀ ଏୂବଂ ବଡପଣ୍ଡା ଭାବେ ଶ୍ରୀ ବଳଦେବ ଜୀଉଙ୍କ ମନ୍ଦିରରେ ଦୀର୍ଘଦିନ ଧରି ନିରବଛିନ୍ନ ଭାବରେ ନିଷ୍ଠାର ସହ ରୀତିନୀତି ପାଳନରେ ମହନୀୟ କାର୍ଯ୍ୟ କରିଥିବା ବଡପଣ୍ଡା ରାଜ କିଶୋର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ, କେନ୍ଦୁଝର ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ପରେ ପରେ ଓଡିଶାର ଲବ୍ଧ ପ୍ରତିଷ୍ଠିତ ପାଲା ଗାୟକ ଧୀରେନ୍ ମହାଁ ଏବଂ ସାଥିଙ୍କ ଦ୍ୱାରା ଶ୍ରୀ ବଳଦେବ ଜୀଉଙ୍କ ସଂସ୍କୃତି ଉପରେ ଆଧାରିତ ପାଲା ପରିବେଷଣ କରାଯାଇଥିଲା । ପୁରୁଣା ସହରବାସୀ ସଂସ୍କୃତି ପ୍ରେମୀ ଜନସାଧାରଣ, ସେବାୟତ ଏବଂ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।


Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray